RNI No.ODIODI/2010/33031
୧୬ ବର୍ଷ Volume-16
ISSUE -242 ସଂଖ୍ୟା-୨୪୨
ଭୁବନେଶ୍ୱର, ବୁଧବାର ୧୦ ଡିସେମ୍ବର ୨୦୨୫
Bhubaneswar, Wednesday 10 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ସରିଲା ବିଧାନସଭାର ଶୀତ ଅଧିବେଶନ

## ନିର୍ଦ୍ଧାରିତ ସମୟ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ ମୁଲତବୀ କଲେ ବାଚସ୍ପତି

ଭୁବନେଶ୍ୱର,୯।୧୨(ନି.ପ୍ର.): ସରିଲା ବିଧାନସଭାର ଶୀତ ଅଧିବେଶନ। ନିର୍ଦ୍ଧାରିତ ସମୟ ପୂର୍ବରୁ ଅଧିବେଶନ ଶେଷ ହୋଇଛି। ବିଧାନସଭାର ଗୃହ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କଲେ ବାଚସ୍ପତି। ଚଳିତଥର ନଭେମ୍ବର ୨୭ରୁ ଅଧିବେଶନ ଆରମ୍ଭ ହୋଇଥିଲା। ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି।



ଏଥର ମୋଟ୍ ୨୯ଟି କାର୍ଯ୍ୟ ଦିବସ ଥିବାବେଳେ ୧୧ ଦିନ ଚାଲିଥିଲା ଗୃହ କାର୍ଯ୍ୟ। ତେବେ ଏଥର ବିଧାନସଭାର ଶୀତ ଅଧିବେଶନ ବେଶ୍ ଚର୍ଚ୍ଚିତ ଥିଲା। କାରଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିଥିଲେ। ବିଧାୟକମାନେ କେମିତି ଆଚରଣ ଓ ଉଚ୍ଚାରଣ କରିବେ ସେନେଇ ସଚେତନ କରାଇଥିଲେ। ଖାଲି ଏତିକି ନୁହେଁ ବରଂ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଡିସେମ୍ବର ୪ରୁ ବିଭିନ୍ନ ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା। ଏହି ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହୋଇଥିଲା। ଏଥର ଅଧିବେଶନରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ ପାରିତ ହୋଇଛି। ଏହାସହ ଅନେକ ପ୍ରସଙ୍ଗରେ ଶାସକ ଓ ବିରୋଧୀ ବି ଗୃହରେ ମୁହାଁମୁହିଁ ହେବାର ଦେଖାଯାଇଥିଲା।

# ବାରବାଟୀରେ ବଡ଼ ବିଜୟ



**କଟକ,୯।୧୨(ନି.ପ୍ର):** କଟକ ବାରବାଟୀ ଷ୍ଟାଡିୟମରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚରେ ଘରୋଇ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାକୁ ଶୋଚନୀୟ ଭାବେ ୧୦୦ ରନ୍‌ରେ ପରାସ୍ତ କରିବା ସହ ୨୦୧୫ ପରାଜୟର ସୁମଧରୁ ପ୍ରତିଶୋଧ ନେଇଛି। ୨୦୧୫ରେ ଭାରତ ଏଠାରେ ଲଜ୍ଜାଜନକ ପରାଜୟବରଣ ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ଆଜି ବିଜୟ ସହ ଟିମ୍ ଇଣ୍ଡିଆ ପରାଜୟଗ୍ଲାନିକୁ ଭୁଲିଯାଇଛି। ପ୍ରଥମେ ବ୍ୟାଟିଂ କରି 'ମ୍ୟାନ୍ ଅଫ୍ ଦି ମ୍ୟାଚ' ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲଢୁଆ ବ୍ୟାଟିଂ (୫୯ ଅପରାଜିତ) ବଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୧୭୫ ରନ୍ କରିଥିଲା। ଜବାବରେ ଭାରତୀୟ ବୋଲରଙ୍କ ମିଳିତ ଆକ୍ରମଣରେ ଦ.ଆଫ୍ରିକା ଆଶ୍ଚର୍ଯ୍ୟଜନକ ଭାବେ ୭୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

୧୭୬ ରନକୁ ପିଛା କରି ଦ.ଆଫ୍ରିକାର ପ୍ରାରମ୍ଭିକ ବ୍ୟାଟିଂ ଖୁବ୍ ଖରାପ ରହିଥିଲା।ପ୍ରଥମ ଓଭରରେ ଦ୍ୱିତୀୟ ବଲ୍‌ରେ ଅର୍ଶଦୀପ କ୍ୱିଣ୍ଟନ ଡିକକଙ୍କୁ ଆଉଟ୍ କରିଥିଲେ। ଡିକକ ଖାତା ଖୋଲି ପାରି ନଥିଲେ। ତାଙ୍କ ପରେ ୩ୟ ଓଭରରେ ଅର୍ଶଦୀପ ଷ୍ଟବ୍ସଙ୍କୁ ମଧ୍ୟ ଆଉଟ୍ କରିଥିଲେ। ଷ୍ଟବ୍ସଙ୍କ ଖାତାରେ ୧୪ରନ୍ ଆସିଥିଲା। ଷଷ୍ଠ ଓଭରର ପ୍ରଥମ ବଲରେ ଅକ୍ଷର ପଟେଲ ଅଧିନାୟକ ଏଡେନ ମାର୍କରନ୍‌କୁ ଆଉଟ୍ କରିଥିଲେ। ମାର୍କରନ ୧୪ ରନ୍ କରି ପାରିଥିଲେ। ୭ମ ଓଭର ନେଇ ହାର୍ଦ୍ଦିକ୍ ପାଣ୍ଡ୍ୟା ଆସିଥିଲେ। ସେ ନିଜର ପ୍ରଥମ ହିଁ ବଲ୍‌ରେ ମିଲର (୧)ଙ୍କୁ ଆଉଟ୍ କରିଦେଲେ ଅର୍ଥାତ୍ ୫୦ରନ୍ ଭିତରେ ହିଁ ଦକ୍ଷିଣ ଆଫ୍ରିକାକୁ ୪ର୍ଥ ଝଟକା ଲାଗିଥିଲା । ଏହାପରେ ୮ମ ଓଭରରେ ବରୁଣ ଦକ୍ଷିଣ ଆଫ୍ରିକାକୁ ୫ମ ଝଟକା ଫେରେଇରା (୫) ସ୍ୱରୂପ ଦେଇଥିଲେ। ଏହାପରେ ୧୦ମ ଓଭରରେ ବରୁଣ ଜାନସେନଙ୍କୁ ମଧ୍ୟ ବୋଲ୍ଡ କରି ଦେଇଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ୬ଷ୍ଠ ଝଟକା ଦେଇଥିଲେ। ଜାନସେନ ୧୨ ରନ୍ କରି ଥିଲେ। ୧୧ତମ ଓଭରରେ ବୁମରାହ ବ୍ରେଭିସ (୨୨)ଙ୍କୁ ଆଉଟ୍ କରିଥିଲେ। ଏହି ୱିକେଟ୍ ସହ ବୁମରାହଙ୍କ ଟି-୨୦ କ୍ୟାରିୟରରେ ୧୦୦ୱିକେଟ୍ ମଧ୍ୟ ପୂରା ହୋଇଥିଲା। ଏହି ଓଭରରେ ବୁମରାହ କେଶବ ମହାରାଜ (୦)ଙ୍କ ମଧ୍ୟ ୱିକେଟ୍ ନେଇଥିଲେ। ୧୨ତମ ଓଭରରେ ଅକ୍ଷରଦକ୍ଷିଣ ଆଫ୍ରିକାକୁ ୯ମଝଟକାଦେଇଥିଲେ। ଏହାପରେ ପରବର୍ତ୍ତୀ ଓଭରରେ ଶୁଭମ ଦୁବେ ଦକ୍ଷିଣ ଆଫ୍ରିକାକୁ ୭୪ରେ ହିଁ ଅଟକାଇ ଦେଇଥିଲେ।

ଏହି ମୁକାବିଲାରେ ସାଉଥ୍ ଆଫ୍ରିକାର ଅଧିନାୟକ ଏଡେନ ମାର୍କରେ ଟସ୍‌ଜିତିପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା।କଟକ ଟି-୨୦ରେ ଭାରତର ପ୍ରାରମ୍ଭିକ ଖୁବ୍ ଖରାପ ରହିଥିଲା ଏବଂ ଶୁଭମନ ଗିଲ୍ ମାତ୍ର ୪ ରନ୍ କରି ପ୍ରଥମ ଓଭରରେ ଲୁଙ୍ଗି ଏନଗିଡିଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ କିଛି ସମୟ ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମଧ୍ୟ ୧୧ ରନ୍‌ରେ ଲୁଙ୍ଗିଙ୍କ ବଲ୍‌ରେ ଶିକାର ହୋଇଥିଲେ ୬ ଓଭର ପରେ ଭାରତର ସ୍କୋର ୪୦-୨ ଥିଲା ୭ମ ଓଭରରେ ଭାରତକୁ ୩ୟ ଝଟକା ଲାଗିଥିଲା, ଯେବେ ଅଭିଷେକ ଶର୍ମା ୧୭ ରନ୍ କରି ଆଉଟ୍ ହୋଇଥିଲେ ଏହାପରେ ତିଳକ ବର୍ମା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ପାର୍ଟନରସିପ୍ ଆଗେଇ ଚାଲୁଥିଲା, କିନ୍ତୁ ୧୨ତମ ଓଭରରେ ତିଳକ ବର୍ମା ୨୬ ରନ୍ କରି ଆଉଟ୍ ହୋଇଥିଲେ ୧୪ ତମ ଓଭରରେ ଭାରତକୁ ୫ମ ଝଟକା ଲାଗିଥିଲା ,ଯେବେ ଅକ୍ଷର ପଟେଲ ୨୩ ରନ୍‌ରେ ଆଉଟ୍ ହୋଇଥିଲେ।

# ୮୫ ହଜାର ଭିସା ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ୯।୧୨(ନି.ପ୍ର.): : ଆମେରିକାର ରାଜଧାନୀ ୱାଶିଂଟନ ଡିସିରେ ଗୁଳିକାଣ୍ଡ ପରେ, ଜାତୀୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଚଳିତ ବର୍ଷ ପ୍ରାୟ ୮୫,୦୦୦ ଭିସା ରଦ୍ଦ କରିଛନ୍ତି। ଷ୍ଟେଟ୍ ଡିପାର୍ଟମେଣ୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଭିସା ରଦ୍ଦ କରିବାର ଉଦ୍ଦେଶ୍ୟ ହେଉଛି ଆମେରିକାର ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା। ଏହି ପଦକ୍ଷେପ ଭାରତୀୟ ବୃତ୍ତିଗତ ଏବଂ ଛାତ୍ରଙ୍କ ଉପରେ ସର୍ବାଧିକ ପ୍ରଭାବ ପକାଇଛି। ପ୍ରତ୍ୟାହାର କରାଯାଇଥିବା ଭିସା ମଧ୍ୟରେ ୮,୦୦୦ ରୁ ଅଧିକ ଛାତ୍ର ଅଛି। ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ ଅଧିକ। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଭିସା ଚୋରି, ଆକ୍ରମଣ କିମ୍ବା ଅନ୍ୟାନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ବିଦେଶୀମାନଙ୍କର। ଏହି ବ୍ୟକ୍ତିମାନଙ୍କୁ ଆମେରିକୀୟ ସୁରକ୍ଷା ପାଇଁ ବିପଦ ବୋଲି ବିବେଚନା କରାଯାଉଛି। ତେଣୁ ସେମାନଙ୍କର ଭିସା ପ୍ରତ୍ୟାହାର କରାଯାଇଛି।

# ଶିକାରୀ ଫାଶରେ କଲରାପତରିଆ ମୃତ

ଅନୁଗୁଳ,୯।୧୨(ନି.ପ୍ର.): ଶିକାରୀ ଫାଶରେ ପଡି କଲରାପତରିଆ ବାଘ ମୃତ। ଅନୁଗୋଳ ବନଖଣ୍ଡ କରତପଟା ସେକ୍ସନ ଡ଼ିମିରିପାଳ ଗାଁ ନିକଟରେ ଏକ କଲରାପତରିଆ ବାଘ ଯନ୍ତାରେ ପଡିଯାଇଥିଲା। ଜନ୍ତୁ ଶିକାର ପାଇଁ ଗାଁରେ ଏହି ଫାଶ ବସାଯାଇଥିଲା । ସେହି ଯନ୍ତାରେ କଲରାପତରିଆ ବାଘ ପଡି ଛଟପଟ ହେବା ସହ ଗର୍ଜନ କରିଥିଲା। ଯାହାକୁ ନେଇ ଗାଁଲୋକେ ଆତଙ୍କିତ ହୋଇପଡିଥିଲେ। ବାଘକୁ ଯନ୍ତାରୁ ନିଶ୍ଚେତକ ଦେଇ ଉଦ୍ଧାର କରାଯାଇ କରି କୁଲାସିଂହା ନର୍ସରୀରେ ରଖାଯାଇଥିଲା। ହେଲେ ସେଠାରେ ବାଘଟିର ମୃତ୍ୟୁ ଘଟିଥିବା ବନ ବିଭାଗ ସୂଚନା ଦେଇଛି।

# ଦେଢ଼ବର୍ଷରେ ମଲେଣି ୧୩୬ ହାତୀ

ଭୁବନେଶ୍ୱର,୯।୧୨(ନି.ପ୍ର.): ରାଜ୍ୟରେ ହାତୀ ଅସୁରକ୍ଷିତ। ହାତୀ ମୃତ୍ୟୁ ରୋକିବାରେ ସରକାର ବିଫଳ ହୋଇଛନ୍ତି। ମଙ୍ଗଳବାର ବିଧାନସଭାରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ୧୩୬ ହାତୀ ପ୍ରାଣ ହରାଇଥିବା ସରକାର ମାନିଛନ୍ତି।ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ମଙ୍ଗଳବାର ଦେଇଥିବା ଲିଖିତ ଉତ୍ତରରେ ଦର୍ଶାଇଛନ୍ତି ଯେ, ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ ଶିକାରୀ ଦ୍ୱାରା ୪ଟି, ଲୋକଙ୍କ ପ୍ରତିଶୋଧ ପରାୟଣତା ପାଇଁ ୪ଟି, ବିଦ୍ୟୁତ ଆଘାତରେ ୪୨ଟି, ଟ୍ରେନ ଧକ୍କାରେ ୪ଟି, ରୋଗଦ୍ୱାରା ୩୧ଟି, ଅନ୍ୟାନ୍ୟ ପ୍ରାକୃତିକ କାରଣ ଦ୍ୱାରା ୩୧ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦ଟି ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ହାତୀ ମୃତ୍ୟୁରେ ସଂଶ୍ଳିଷ୍ଟ ୯୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉପରୋକ୍ତ ସମସ୍ତ ମାମଲାର ସ୍ଥିତିକୁ ନିୟମିତ ଭାବରେ ତଦାରଖ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ବଢ଼ିବନି ପାଚିକାଙ୍କ ଦରମା

ଭୁବନେଶ୍ୱର,୯।୧୨(ନି.ପ୍ର.): ପାଚିକାମାନଙ୍କ ଦରମା ଆଉ ବୃଦ୍ଧି କରାଯିବ ନାହିଁ। ବୁଧବାର ଏ ନେଇ ସ୍ପଷ୍ଟ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପାଚିକାଙ୍କ ଆନ୍ଦୋଳନ ଏବଂ ଦରମା ବୃଦ୍ଧି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପାଚିକାଙ୍କ ଦରମା ୨ ହଜାର ଟଙ୍କା ଥିଲା। ବିଜେପି ସରକାର ୧ ହଜାର ଟଙ୍କା ବୃଦ୍ଧି କରିବା ପରେ ଦରମା ୩ ହଜାର ଟଙ୍କା ହେଲା। ସେମାନେ ଆଉ ଆନ୍ଦୋଳନକୁ ଆସିବାର ଆବଶ୍ୟକତା ନାହିଁ। ସବୁବେଳେ ଆନ୍ଦୋଳନରେ ବସିଲେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଦରମା ତ ବୃଦ୍ଧି ହେଲା, ପୁଣି ଆନ୍ଦୋଳନ ଠିକ ନୁହେଁ। କିଛି ଦିନ କାମ କରନ୍ତୁ। ସବୁବେଳେ ଆନ୍ଦୋଳନ କରିବା ଉଚିତ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି।

# ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ବଢ଼ିଲା

ଭୁବନେଶ୍ୱର,୯।୧୨(ନି.ପ୍ର.): ପା ବିଧାନସଭାର ବାଚସ୍ପତି, ଉପବାଚସ୍ପତି ଏବଂ ବିଧାୟକମାନଙ୍କ ଦରମା ବୃଦ୍ଧି ପାଇଛି। ବାଚସ୍ପତିଙ୍କ ଦରମା ୪୦ ହଜାର ୫୦୦ ବଦଳରେ ୯୮ ହଜାରକୁ ବୃଦ୍ଧି ପାଇଥିବାବେଳେ ଉପବାଚସ୍ପତିଙ୍କ ଦରମା ୩୮ ହଜାରରୁ ୯୪ ହଜାରରୁ ବଢ଼ିଛି।ପୂର୍ବରୁ ବାଚସ୍ପତି ୪୦ ହଜାର ୫୦୦ ଟଙ୍କା ଦରମା ବାବଦରେ ପାଉଥିଲେ। ଏବେ ତାଙ୍କୁ ୯୮ ହଜାର ଟଙ୍କା ମିଳିବ। ବୈଠକ ଭତ୍ତା ୮୦୦ ଟଙ୍କା ବଦଳରେ ୨୦୦୦ ଟଙ୍କା ମିଳିବ। ସେହିପରି କାର ଭତ୍ତା ମାସିକ ୧୭ ହଜାର ବଦଳରେ ୮୯ ହଜାର ପାଇବେ। ବ୍ୟକ୍ତିଗତ ବ୍ୟୟ ଭତ୍ତା ୪୦ ହଜାର ଟଙ୍କା ବଦଳରେ ୧ ଲକ୍ଷ ୮୧ ହଜାର ଟଙ୍କା ପାଇବେ। ବାସଗୃହ ଭତ୍ତା ମାସିକ ୧ ଶହ ଟଙ୍କା ବଦଳରେ ଦୈନିକ ୨୦୦୦ ଟଙ୍କା ପାଇବେ। ବୈଠକ ଭତ୍ତାକୁ ଛାଡ଼ି ଅନ୍ୟାନ୍ୟ ଭତ୍ତା ସହିତ ମୋଟ ୪ ଲକ୍ଷ ୨୮ ହଜାର ଟଙ୍କା ଦରମା ବାବଦରେ ପାଇବେ।

ସେହିପରି ଉପବାଚସ୍ପତି ବି ବୈଠକ ଭତ୍ତା ବାବଦରେ ୮୦୦ ବଦଳରେ ୨୦୦୦ ଟଙ୍କା ପାଇବେ। କାର ଭତ୍ତା ୧୭ ହଜାର ବଦଳରେ ୮୫ ହଜାର, ବ୍ୟକ୍ତିଗତ ଭତ୍ତା ୪୦ ହଜାର ବଦଳରେ ୧ ଲକ୍ଷ ୭୭ ହଜାର ଏବଂ ବାସଗୃହ ଭତ୍ତା ବାବଦକୁ ପୂର୍ବରୁ କିଛି ଟଙ୍କା ମିଳୁ ନ ଥିବା ବେଳେ ଏଣିକି ଦୈନିକ ୨୦୦୦ ଟଙ୍କା ମିଳିବ। ଉପବାଚସ୍ପତି ବୈଠକ ଭତ୍ତା ଛାଡ଼ି ଅନ୍ୟାନ୍ୟ ଭତ୍ତା ସହିତ ମୋଟ ୪ ଲକ୍ଷ ୧୬ ହଜାର ଟଙ୍କା ଦରମା ବାବଦରେ ପାଇବେ।

# ଯୁକ୍ତ ଦୁଇ ପରୀକ୍ଷା ସୂଚୀ ସାମାନ୍ୟ ପରିବର୍ତ୍ତନ

ଭୁବନେଶ୍ୱର,୯।୧୨(ନି.ପ୍ର.):ଯୁକ୍ତ ଦୁଇ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୧୧ ତାରିଖରେ ଓଡିଆକୁ ଛାଡି ଅନ୍ୟ ସମସ୍ତ ମାତୃଭାଷା ୨୩କୁ ଘୁଞ୍ଚିଛି। ସେହିପରି ସମସ୍ତ ବିଭାଗରେ ମାର୍ଚ୍ଚ ୨୧ ତାରିଖ ପରୀକ୍ଷା ୨୫ ତାରିଖକୁ ଘୁଞ୍ଚିଛି। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଫେବୃଆରୀ ୧୮ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ସବୁ ପରୀକ୍ଷା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ସରିବ। ଚଳିତବର୍ଷ ମୋଟ ୪ ଲକ୍ଷ ୭ ହଜାର ୩୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ପରୀକ୍ଷା କେନ୍ଦ୍ର ବଢ଼ାଯାଇଛି। ମୋଟ୍ ୧୩୫୦ଟି କେନ୍ଦ୍ରରେ ପରୀକ୍ଷା ହେବ। ଡିସେମ୍ବର ୧୫ ତାରିଖ ସୁଦ୍ଧା ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ସମସ୍ତ ୨୧୦ଟି ହବ୍ ଏଆଇ କ୍ୟାମେରା ସର୍ଭେଲାନ୍ସରେ ରହିବ। ଜାନୁଆରୀ ୨ ତାରିଖରୁ ୧୫ ତାରିଖ ମଧ୍ୟରେ ପ୍ରାକ୍ଟିକାଲ୍ ପରୀକ୍ଷା ହେବ। ପ୍ରଥମଥର ପ୍ରାକ୍ଟିକାଲ ପରୀକ୍ଷାରେ ୱେବ୍ କାଷ୍ଟ , ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା ହେବ। ୪୦ ଦିନରେ ଫଳାଫଳ ପ୍ରକାଶ ପାଇବ। କପି ରୋକିବାକୁ ଏଆଇ ସହାୟତା ନିଆଯିବ।

# ନିର୍ମାଣ ହେଉଛି ୬,୬୪୬ ନୂତନ ନଳକୂପ

ଭୁବନେଶ୍ୱର,୯।୧୨(ନି.ପ୍ର.): ରାଜ୍ୟରେ ଆଗକୁ ଆସୁଥିବା ଖରାଦିନ ପୂର୍ବରୁ ପାନୀୟଜଳ ସମସ୍ୟା ଦୂର ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସରକାର ୬୬୪୬ଟି ନୂତନ ନଳକୂପ ନିର୍ମାଣ କରୁଛନ୍ତି ବୋଲି ମଙ୍ଗଳବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବିଧାନସଭାରେ ଲିଖିତ ଉତ୍ତର ଦେଇ କହିଛନ୍ତି, ରାଜ୍ୟରେ ମୋଟ ୫ ଲକ୍ଷ ୨୭ ହଜାର ୬୯୪ଟି ନଳକୂପ କାର୍ଯ୍ୟକ୍ଷମ ଅଛି। ଏହାବ୍ୟତୀତ ୬୬୪୬ଟି ନୂତନ ନଳକୂପ ନିର୍ମାଣ କରାଯାଉଛି। ଯାଜପୁରରେ ସର୍ବାଧିକ ୧୧୨୧ ନଳକୂପ ଖନନ କରାଯାଉଥିବା ବେଳେ କନ୍ଧମାଳରେ ୮୦୫ଟି ନଳକୂପ ଖନନ କରାଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ୮୮.୬୬ ଲକ୍ଷ ପରିବାର ମଧ୍ୟରୁ ୬୮.୩୬ ଲକ୍ଷ ପରିବାରରେ ପାନୀୟଜଳ ପହଁଚିଛି। ଯାହା ମୋଟ ପରିବାରର ୭୭ ପ୍ରତିଶତ। ରାଜ୍ୟର ୧୫ ହଜାର ୪୨୦ ଗ୍ରାମରେ ସିଙ୍ଗଲ ଓ ମଲ୍ଟି ପ୍ରୋଜେକ୍ଟ ଜରିଆରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ପରିବାର ସହ ପ୍ରତିଷ୍ଠାନ ଗୁଡିକୁ ମଧ୍ୟ ପାନୀୟ ଜଳ ଦିଆଯାଉଛି। ପୂର୍ବ ସରକାର କେବଳ ବସୁଥିଲେ। ଆମେ ଲକ୍ଷ୍ୟ ରଖିଛୁ, ଶୀଘ୍ର ପ୍ରକଳ୍ପ ସମାପ୍ତ କରି ଉଦଘାଟନ କରିବୁ। କେହି ଖରାପ କାମ କରୁଥିଲେ ଦଣ୍ଡ ଦେବୁ।

# ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

ପଟ୍ଟାଙ୍ଗି,।୧୨(ନି.ପ୍ର.): :କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଳଗଞ୍ଜେଇପଦର ଓ ଢୋଳିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଢୋଳିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭକୁ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ବନ୍ଦକରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଳି ଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ।

# ଇଣ୍ଡୋନେସିଆରେ ଅଗ୍ନିକାଣ୍ଡ, ୨୦ ମୃତ

ଜାକର୍ତ୍ତା,୯।୧୨:: ଇଣ୍ଡୋନେସିଆର ଜାକାର୍ତ୍ତାରେ ମଙ୍ଗଳବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏକ ୭ ମହଲା ବିଶିଷ୍ଟ କୋଠାରେ କାର୍ଯ୍ୟାଳୟ ଚାଲିଥିବାବେଳେ ସେଥିରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ତେବେ ନିଆଁ ଯୋଗୁ ପ୍ରବଳ ଧୂଆଁ ସୃଷ୍ଟି ହେବା ଫଳରେ ଶ୍ୱାସରୁଦ୍ଧ ହୋଇ ଲୋକଙ୍କ ପ୍ରାଣହାନୀ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁ ଆଖପାଖରେ ଥିବା ବାସିନ୍ଦାମାନେ ଭୟଭୀତ ହୋଇପଡ଼ିବା ସହିତ ବାହାରକୁ ଚାଲି ଆସିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଏହା ସହିତ କୋଠାରେ ଫଶିଯାଇଥିବା ଲୋକଙ୍କୁ ମଧ୍ୟ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା।



ମୃତକଙ୍କ ମଧ୍ୟରେ ୫ ଜଣ ପୁରୁଷ ଏବଂ ୧୫ ଜଣ ମହିଳା ରହିଥିବା ସୂଚନା ମିଳିଛି। ମୃତ ମହିଳାଙ୍କ ମଧ୍ୟରେ ଜଣେ ଗର୍ଭବତୀ ମଧ୍ୟ ରହିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ସମୟର ଦୃଶ୍ୟ ସମ୍ବଳିତ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେଉଛି। ଯେଉଁଥିରେ ଅଞ୍ଚଳଟି ଧୂଆଁମୟ ହୋଇଯାଇଥିବା ଦେଖିବାକୁ ମିଳିଛି।

# ପ୍ରତିବର୍ଷ ଦାଦନ ଖଟିବାକୁ ଯାଉଛନ୍ତି ୭୦ ହଜାରରୁ ଉର୍ଦ୍ଧ୍ୱ

ଭୁବନେଶ୍ୱର,୯।୧୨(ନି.ପ୍ର.): ପ୍ରତି ବର୍ଷ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ହଜାର ହଜାର ଓଡ଼ିଆ ଶ୍ରମିକ । ଆଉ ବଲାଙ୍ଗୀର ଜିଲ୍ଲାର ଚିତ୍ର ଅତ୍ୟନ୍ତ ଉଦବେଗ ଜନିତ । ରାଜ୍ୟରେ ଅନ୍ୟବର୍ଷ ତୁଳନାରେ ସାମାନ୍ୟ କମ୍ ଥିବାବେଳେ ବଲାଙ୍ଗୀରେ ଚିତ୍ର କୌଣସି ପରିବର୍ତ୍ତନ ଆସୁ ନଥିବା ପରିଲକ୍ଷିତ ହେଉଛି । ରାଜ୍ୟ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ଗଣେଳ ରାମ ଚନ୍ଦ୍ର ଖୁଣ୍ଟିଆ ଦେଇଥିବା ଉତ୍ତରରୁ ସ୍ପଷ୍ଟ ହୋଇଛି।

ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପଚାରିଥିବା ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ରଖିଥିବା ଉତ୍ତରରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ୭୦ ହଜାରରୁ ଅଧିକ ଓଡ଼ିଆ ଶ୍ରମିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି । ୨୦୨୩ରେ ୮୧୨୩୨ ଜଣ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଏଥିରେ ମାତ୍ର ୧୨୩୧ ଜଣଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ୨୦୨୪ରେ ଏଥିରେ ସାମାନ୍ୟ କମ୍ ଦେଖିବାକୁ ମିଳିଥିଲା, ଯାହାକି ଅତ୍ୟନ୍ତ ନଗଣ୍ୟ । ୨୦୨୪ରେ ୭୦୧୪୨ ଓ ୨୦୨୫ ନଭେମ୍ବର ସୁଦ୍ଧା

**କେବଳ ବଲାଙ୍ଗୀରରୁ ଯାଉଛନ୍ତି ୫୦ ହଜାର**

୭୦,୩୬୦ ଜଣ ଦାଦନ ଖଟିବାକୁ ଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୩୭ ଏବଂ ୧୧୦୭ ଜଣଙ୍କୁ ଯଥାକ୍ରମେ ଲାଇସେନ୍ସ ପ୍ରଦାନ କରାଯାଇଛି ।

ଦାଦନ ପ୍ରବଳ ରାଜ୍ୟର ୧୪ଟି ଜିଲ୍ଲା ମଧ୍ୟରୁ ବଲାଙ୍ଗୀରର ଚିତ୍ର ଅତ୍ୟନ୍ତ ଉଦବେଗଜନକ ରହିଛି । ଉପରୋକ୍ତ ତଥ୍ୟରୁ କେବଳ ବଲାଙ୍ଗୀରରେ ପ୍ରତି ବର୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦାଦନ ଖଟିବାକୁ ଯାଉଛନ୍ତି



। ଶ୍ରମ ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ ବଲାଙ୍ଗୀର ଜିଲ୍ଲାରୁ ୨୦୨୩ରେ ୫୪,୧୬୬, ୨୦୨୪ରେ ୪୯୯୮୮ ଏବଂ ୨୦୨୫ରେ ୫୧୫୮୧ ଜଣ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଇଛନ୍ତି । ସେହିପରି ବଲାଙ୍ଗୀର ତଳକୁ ନୂଆପଡ଼ା ଜିଲ୍ଲା ଦ୍ୱିତୀୟରେ ରହିଛି । ନୂଆପଡ଼ାରୁ ୨୦୨୩ରେ ୧୫୬୩୫, ୨୦୨୪ରେ ୧୨୧୬୦ ଏବଂ ୨୦୨୫ରେ ୮୬୫୫ ଜଣ ଦାଦନ ଖଟିବାକୁ ଯାଇଛନ୍ତି ।

ତେବେ ଅଧିକ ଅର୍ଥ ଉପାର୍ଜନ ପାଇଁ ବାହାର ରାଜ୍ୟକୁ ଶ୍ରମିକମାନେ ଯାଉଛନ୍ତି । ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ଅକ୍ଟୋବର ୨୦୨୪ରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି । ବିଭିନ୍ନ ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି । ସେହିପରି ମନରେଗା ଯୋଜନାରେ ୯ଟି ପ୍ରବାସୀ ପ୍ରବଣ ଜିଲ୍ଲାର ୩୦ଟି ବ୍ଲକ୍ ଅଧିନସ୍ଥ ୭୦୪ଟି ଗ୍ରା.ପ କାର୍ଯ୍ୟ ଦିବସକୁ ୩୦୦ ଦିନକୁ ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ଏତଦବ୍ୟତୀତ ୧୪ ଗୋଟି ପ୍ରବାସୀ ପ୍ରବଣ ଜିଲ୍ଲା ଯଥା ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ ପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଇତ୍ୟାଦି ଜିଲ୍ଲାଗୁଡ଼ିକରେ ଗ୍ରାମପଞ୍ଚାୟତ ସ୍ତରରେ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ପୋଲିସ ସହଯୋଗରେ ବେଆଇନ ଶ୍ରମିକ ନିଯୁକ୍ତି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ପ୍ରବାସୀ ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଋତୁକାଳୀନ ଛାତ୍ରାବାସର ବ୍ୟବସ୍ଥା ଇତ୍ୟାଦି କରାଯାଇଛି । ଏହାଛଡା ଶ୍ରମ ଓ କର୍ମଚାରୀ ର ରାଜ୍ୟ ବୀମା ବିଭାଗ ଅଧୀନସ୍ଥ ଏକ ଶ୍ରମିକ ସହାୟତା ହେଲ୍ପ ଲାଇନ (୧୮୦୦୩୪୫୬୭୦୩) ରାଜ୍ୟ ଯଥା ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଗୁଜରାଟର ସୁରଟଠାରେ ଓଡିଶା ପ୍ରବାସୀ ଶ୍ରମିକ ସହାୟତା ଡେସ୍କକୁ କାର୍ଯ୍ୟକ୍ଷମ କରାଯାଇଛି ।



# ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି ୟୁଏଆଇଏଲ୍

ରାୟଗଡ଼ା,୯।୧୨:(ମନ୍ଥନ)ରାୟଗଡ଼ା ଜିଲ୍ଲା ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ସିଏସଆର୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଉଦ୍ୟମି ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଆଣିଛି । ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ୨ଟି ବ୍ଲକରେ ସୃଷ୍ଟି ହେଲାଣି ୩୦୧ କ୍ଷୁଦ୍ର ଉଦ୍ୟୋଗ । ଏଥିପାଇଁ ସ୍ୱାବଲମ୍ବୀ ହେଉଛନ୍ତି କ୍ଷୁଦ୍ର ଉଦ୍ୟୋଗୀ । ମାସିକ ରୋଜଗାରରେ ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଥିବା ବେଳେ ୟୁଏଆଇଏଲର ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି ।ଟିକିରି ତଥା ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ ଚେତନା ବିକାଶ ତଥା ସେମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ଉଦ୍ୟମି ପ୍ରକଳ୍ପ କାର୍ଯ୍ୟକାରୀ କରିଛି । ପ୍ଲାଣ୍ଟ ପ୍ରଭାବିତ ତଥା ପାର୍ଶ୍ୱସ୍ଥ କାଶୀପୁର ଓ ପଡ଼ୋଶୀ କଳାହାଣ୍ଡି ଜିଲ୍ଲାର ଥୁଆମୁଲ ରାମପୁର ବ୍ଲକର ୧୦୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ସମ୍ପ୍ରତି ଗ୍ରାମରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ତଥା ଏହାର ପରିଚାଳନା ପାଇଁ ଉଦ୍ୟୋଗୀ ମାନଙ୍କୁ ସମ୍ପୂର୍ଣ୍ଣ କୌଶଳ, ପ୍ରାରମ୍ଭିକ ପାଣ୍ଠି, ଆବଶ୍ୟକ ଯାନ୍ତ୍ରିକ ଉପକରଣ, ପ୍ରଶାସନିକ




ସହାୟତା ସମେତ କଞ୍ଚାମାଲ୍ ଯୋଗାଇ ବାଜରିକରଣ ପାଇଁ ପ୍ରତ୍ୟେକ୍ଷ ସହଯୋଗ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଗତ ୨୦୨୧ ଜୁଲାଇ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଜରିଆରେ ଉତ୍କଳ ଆଲୁମିନା ଚତୃପାର୍ଶ୍ୱ ଗ୍ରାମାଞ୍ଚଳରେ ଶତାଧିକ ଉଦ୍ୟମୀ ମାନେ ନିଜର ଇଚ୍ଛାଶକ୍ତି ଏବଂ କମ୍ପାନୀର ପ୍ରତ୍ୟେକ୍ଷ ସହଯୋଗରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ନିଜେ ଆତ୍ମନିର୍ଭରଶୀଳ ହୋଇଛନ୍ତି । ବାସୁଦେବ ବିଶୋଇ ଏପରି ଜଣେ ସଫଳ ଉଦ୍ୟମି । ଟିକିରି ସହରାଞ୍ଚଳରେ ଛୋଟ ଦୋକାନରୁ ନିଜ ବ୍ୟବସାୟ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସେ ଫ୍ଲେକ୍ସ ଓ ଷ୍ଟୁଡିଓ ବ୍ୟବସାୟ କରି ଭଲ ଲାଭବାନ ହୋଇଛନ୍ତି । ଏହି ଉଦ୍ୟମି ପ୍ରକଳ୍ପ ଦ୍ୱାରା ମୋଟ ୩୦୧ ଟି କ୍ଷୁଦ୍ର ଶିଳ୍ପ ତଥା ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବାବେଳେ ପରୋକ୍ଷ ଭାବେ ୨୪୮ଜଣ ବ୍ୟକ୍ତିବିଶେଷଙ୍କୁ ରୋଜଗାର ମିଳିଛି । ଏହାଦ୍ୱାରା ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ୩୭ଜଣ ବ୍ୟକ୍ତିଙ୍କୁ ନିଜ ଗ୍ରାମରେ ରହି ରୋଜଗାର କରିବା ପାଇଁ ସୁଯୋଗ ପ୍ରଦାନ କରିଛି । ଉପରୁକ୍ତ ଉଦ୍ୟୋଗ ମଧ୍ୟରୁ ସେବା କ୍ଷେତ୍ରରେ ୧୩୪ ଗୋଟି ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବା ସ୍ଥଳେ ଉତ୍ପାଦନ କ୍ଷେତ୍ରରେ ୭୦ ଟି ଓ ବ୍ୟବସାୟ ଭିତ୍ତିକ ଶିଳ୍ପରେ ୯୭ ଗୋଟି ଉଦ୍ୟୋଗ କାର୍ଯ୍ୟକାରୀ ହୋଇଛି । ଉଦ୍ୟମି ଦ୍ୱାରା ଉପକୃତ ହୋଇଥିବା ଜଣେ ମହିଳା ଉଦ୍ୟୋଗୀ ହେଉଛନ୍ତି ରୋଜାଲିନ ଖୋରା । ଏନେଇ ସେ ସୂଚନା ଦେଇ କହିଛନ୍ତି ଯେ, ବ୍ୟବସାୟ ଆରମ୍ଭ କରିବା ନେଇ ସେ ବହୁତ ଆଶାବାଦୀ ଥିଲେ । କିନ୍ତୁ କୌଣସି ଉପାୟ ନପାଇ ନିରାଶ ହୋଇଥିଲେ । ଏହାପରେ ଉତ୍କଳ ଆଲୁମିନା ପକ୍ଷରୁ ପରିଚାଳିତ ଉଦ୍ୟମି ପ୍ରକଳ୍ପ ସଂକ୍ରାନ୍ତରେ ଜାଣିବା ପରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରାରମ୍ଭିକ ପର୍ଯ୍ୟାୟରେ ଆର୍ଥିକ ସହାୟତା ଓ ପ୍ରଶିକ୍ଷଣ ପାଇ ସେ ନିଜ ଘରୁ ବ୍ୟବସାୟ ଆରମ୍ଭ କରିଥିଲେ । ଯଦ୍ଦ୍ୱାରା ଉକ୍ତ ବ୍ୟବସାୟରୁ ଅର୍ଥ ଉପାର୍ଜନ କରି ପରିବାର ଚଳାଇବାରେ ସହଯୋଗ କରିଥିବା ସେ ପ୍ରକାଶ କରିଛନ୍ତି । ଉଦ୍ୟମି ପ୍ରକଳ୍ପ ଜରିଆରେ ପ୍ଲାଣ୍ଟ ଓ ଏହାର ପର୍ଶସ୍ଥ ଅଞ୍ଚଳରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା ହେବା ସହିତ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ତଥା ସାମାଜିକ ଉନ୍ନତୀକରଣ ଘଟିଛି । ପୂର୍ବରୁ ଯେଉଁ ବ୍ୟକ୍ତି ବିଶେଷ ମାନେ ଏହି ଉଦ୍ୟୋଗ ଦ୍ୱାରା ଲାଭବାନ ହୋଇଛନ୍ତି । ସେମାନଙ୍କର ମାସିକ ରୋଜଗାର କ୍ଷମତା ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ ହାରାହାରି ୬ହଜାର ଟଙ୍କାରୁ ବୃଦ୍ଧି ହୋଇଛି । ସାଂପ୍ରତିକ ସ୍ଥିତିରେ ୧୪ ରୁ ୧୮ ହଜାର ଯାଏଁ ଟଙ୍କା ରୋଜଗାର ସେମାନେ କରିପାରୁଛନ୍ତି । ଏହି ଉଦ୍ୟମି ପ୍ରକଳ୍ପ ଏଣ୍ଟରପ୍ରାଇଯେଶ୍ ଡେଭଲପମେ୍ଣ୍ଟ ଇନଷ୍ଟିଚ୍ୟୁଟେ ଅଫ ଇଣ୍ଡିଆ। (ଇଡିଆଇଆଇ) ସହଭାଗିତାରେ କାର୍ଯ୍ୟକାରୀ ହୋଇଛି । ଏହାର କେନ୍ଦ୍ର ପରିଚାଳକ ଦୈତାରି ସାମନ୍ତରାୟ ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ବ୍ୟକ୍ତିଙ୍କୁ ସମସ୍ତ ଜ୍ଞାନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥାନ୍ତି ।

# ଜିଲ୍ଲା ସଦମହକୁମା ମେଡିକାଲ ଚାଲୁଛି ଭଗବାନଙ୍କ ଭରସାରେ

କନ୍ଧମାଳ,୯।୧୨:(ମନ୍ଥନ) କନ୍ଧମାଳ ଜିଲ୍ଲା ମେଡିକାଲ କଲେଜ ରେ ଘୋର ଅବ୍ୟବସ୍ଥା ଦେକା ଦେଇଛି । ସିଡ଼ିଏମ ଓ ଛୁଟିରେ ଗଲେ ସିନିଅର ଡାକ୍ତର ଜଣେ ଚାର୍ଜ ରେ ରହନ୍ତି। କିନ୍ତୁ ସେ ମଧ୍ୟ ଅନୁପସ୍ଥିତ ରହନ୍ତ । ମେଡିକାଲ ଚାଲେ ଭଗବାନଙ୍କ ଭରସାରେ । ସିଡିଏମ ଓ ସନ୍ତୋଷ କୁମାର ପାଢ଼ୀ ଛୁଟିରେ ଗଲେ। ସର୍ଜେରୀ ସ୍ପେସିଆଲିଷ୍ଟ ଅକ୍ଷୟ କୁମାର ସାହୁ ସିଡ଼ିଏମଓ ଦାୟିତ୍ୱ ରେ ଥିଲେ ସ କିନ୍ତୁ ସେ ୩ ତାରିଖରେ ଅନୁପସ୍ଥିତ ଥିଲେ ।ରୋଗୀ ମାନେ ଅବ୍ୟବସ୍ଥା ଓ ପାଥୋଲୋଜି ର ତ୍ରୁଟି ପୂର୍ଣ ରିପୋର୍ଟ ରେ ଅତିଷ୍ଠ ହୋଇ ଅଭିଯୋଗ ଦେବା ପାଇଁ ସିଡ଼ିଏ ମ ଓ ଙ୍କୁ ଖୋଜି ଥିଲେ । ସିଡ଼ିଏ ମ ଓ ଛୁଟିରେ ଥିବା ଜାଣି ରୋଗୀମାନେ ସିଡ଼ି ଏମ ଓ ଦାୟିତ୍ୱ ରେ ଥିବା ଇନଚାର୍ଜ ଅକ୍ଷୟ ସାହୁ ଙ୍କୁ ଖୋଜି ଥିଲେ କିନ୍ତୁ ଦିନ ଗୋଟାଏ ସୁଦ୍ଧା ସେ ମେଡିକାଲ ଆସିନଥିଲେ । ଫଳରେ ରୋଗୀ ଏଡିମ ଓ ଙ୍କୁ ଖୋଜିଥିଲେ ସେ ବି ନଥିଲେ । ରୋଗୀମାନେ ହତାଶ ହୋଇ ଫେରିଯାଇଥିଲେ । ଏକ ସଚେତନ ରୋଗୀ ଜେ କି ଜଣେ ଅବସର ପ୍ରାପ୍ତ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣୀ ସିଡିଏମ ଓ, ଇନଚାର୍ଜ, ଓ ଏଡି ଏମ ଓ ନଥିବା ଜାଣି ପାରିଥିଲେ । ସେ ଅଭିଯୋଗ ପତ୍ର ଦେଇ ନ ପାରି ରୋଗୀଙ୍କୁ ନେଇ ଭୁବନେଶ୍ୱର ଚିକିତ୍ସା ପାଇଁ ଯାଇଥିଲେ ! ପାଥଲୋଜି ରେ ଇଣ୍ଡୋର ରୋଗୀ ଙ୍କ ର ରକ୍ତ ପରୀକ୍ଷା ପାଇଁ ନିଆ। ଯାଉଛି । ତାହା ବି ସ୍ୱାସ୍ଥ୍ୟ କର୍ମଚାରୀ ନୁହେଁ ବରଂ ରୋଗୀ ଙ୍କୁ ରକ୍ତ ଓ ଅନ୍ୟାନ୍ୟ ଜିନିଷ ପାଥୋଲୋଜି କୁ ନେଇ ଯିବା କୁ କହୁଛନ୍ତ । ଓ ରିପୋର୍ଟ ସଂଗ୍ରହ କରିବାକୁ କହୁଛନ୍ତି । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ରୋଗୀଙ୍କ ସମ୍ପର୍କୀୟ ନନ ଟେକନିକାଲ ପର୍ସନ ଏବଂ କିଛି ଯଦି ମିସହାପ କିଛି ହୁଏ କିଏ ଦାୟୀ ରହିବ ବୋଲି ସର୍ବସାଧରଣ ରେ ଆଲୋଚ୍ୟ ବିଷୟ ହୋଇଛି। ୧ ଜଗନ୍ନାଥ ସାହାଣୀ ଅଭିଯୋଗ କରିଛନ୍ତି ଜେ ତାଙ୍କୁ ଡାଇବେଟିସ ଫାଷ୍ଟିଙ୍ଗ ୨୨୦ ଓ ପି ପି ବି ଏସ ୨୫୦ ଅଛି ବୋଲି ଟେଷ୍ଟ ରିପୋର୍ଟସ ବାହାରିଥିଲା । ବାହାରେ ଟେଷ୍ଟ କଲାପରେ ଜଣାପଡିଲା ଜେ ଜଗନ୍ନାଥ ଙ୍କୁ ଡାଇବେଟିସ ହିଁ ନାହିଁ । ତାଙ୍କର ଏଫ ବି ଏସ ୧୦୩ ଓ ପି ପି ବି ଏସ ୧୧୯ ବୋଲି ଜଣାପଡିଛି । ଜଗନ୍ନାଥ ଙ୍କ ଧର୍ମ ପତ୍ନୀ କଳ୍ପନା ସାହାଣୀ ଙ୍କୁ ଜ୍ୱର ଥିବାରୁ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କର ରକ୍ତ ନମୁନା ପରୀକ୍ଷା କରି ନିଦାନ କେନ୍ଦ୍ର ରିପୋର୍ଟ ଦେଇଥିଲେ ଜେ ସେ ଡେଙ୍ଗୁ ପଜିଟିଭ ଅଛି ବୋଲି । ବାହାରେ ଟେଷ୍ଟ କରିବାରୁ ରିପୋର୍ଟ ନେଗେଟିଭ ଆସିଛି । ତାଙ୍କର ଡେଙ୍ଗୁ ର ଲକ୍ଷଣ ହିଁ ନ ଥିଲା । ପୁଣି କଳ୍ପନାର ହେପାଟାଇଟ ବି ଟେଷ୍ଟ କରାଯାଇଥିଲା ।କିନ୍ତୁ ବାସ୍ତବ ରେ ଟେଷ୍ଟ ହୋଇ ନ ଥିଲା । ରାତିରେ ବ୍ଲଡ଼ ସାମ୍ପଲ ନେଇଥିଲେ । ଅବହେଳା କରି ରାତିରେ ଟେଷ୍ଟ ନ କରି ଟେକନୀସିଆନ୍ସ ଘରକୁ ଚାଲି ଯାଇଥିଲେ । ରିପୋର୍ଟ ୱାର୍ଡ କୁ ନ ପହଂଚିବାରୁ କଳ୍ପନାଙ୍କ ସ୍ୱାମୀ ଜଗନ୍ନାଥ ଅନୁସନ୍ଧାନ କଲାପରେ ଜଣାପଡିଲା ଜେ ଟେଷ୍ଟ ହିଁ ହୋଇ ନାହିଁ । କେତକ ଡାକ୍ତର ଓ ଷ୍ଟାଫ କହିଲେ ଜେ ଟେକନିସିଆନ୍ସ ଡ଼ିଉଟି କରି କ୍ଳାନ୍ତ ହୋଇ ଯାଇଥିବେ ତେଣୁ ଟେଷ୍ଟ ନ କରି ପଳେଇଥିବେ । ତେବେ ଟେଷ୍ଟ କଲାପରେ ହେପାଟାଇଟ ବି ପଜିଟିଭ ବୋଲି ରିପୋର୍ଟ ଦେଇଥିଲେ ।କିନ୍ତୁ ଜଗନ୍ନାଥ ସନ୍ଦେହ କରିଥିଲେ ।ଜେ ହେତୁ ହେପାଟାଇଟ ବି ପଜିଟିଭ ର କୌଣସି ଲକ୍ଷଣ ନଥିଲା । ବାହାରେ ଟେଷ୍ଟ କଲା ପରେ ହେପା ଟାଇଟ ବି ନେଗେଟିଭ ରିପୋର୍ଟ ବାହାରିଥିଲା ।ଏଭଳି ତ୍ରୁଟି ପୂର୍ଣ ରିପୋର୍ଟ ଯୋଗୁଁ ଅତିଷ୍ଠ ହୋଇ ଜଗନ୍ନାଥ ତାଙ୍କ ଧର୍ମ ପତ୍ନୀ କଳ୍ପନାକୁ ଭୁବନେଶ୍ୱର ନେଇ ଚିକିତ୍ସା କରାଉ ଛନ୍ତି । ତେବେ ସାଧାରଣ, ଅସହାୟ, ଗରିବ ଓ ଅଶିକ୍ଷିତ ରୋଗୀଙ୍କୁ କିଭଳି ଚିକିତ୍ସା କରାଯାଉଛି ବୋଲି ଜଗନ୍ନାଥ ପ୍ରଶ୍ନ କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ ଙ୍କୁ । ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଙ୍କୁ ମଧ୍ୟ ଏକ ସ୍ମାରକ ପତ୍ର ପ୍ରଦାନ କରି ବିହିତ ତଦନ୍ତ ପାଇଁ ଅନୁରୋଧ କରିଛନ୍ତିଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ ବିଧାନ ସଭାରେ ପ୍ରଶ୍ନ କରିଛନ୍ତି ଜେ ମେଡିକାଲ କଲେଜ ରେ ଛୋଟ ଛୋଟ ଅପେରସନ ନ କରି କେବଳ ବ୍ରହ୍ମପୁର ମେଡିକାଲ କଲେଜ କୁ ରେଫର କରୁଛନ୍ତି । ଗରିବ ଓ ଅସହାୟ ରୋଗୀ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉ ଛନ୍ତି । ରାଜ୍ୟ ସରକାର କେବେ ଆଦିବାସୀ ହରିଜନ ବହୁଳ ଜିଲ୍ଲା କନ୍ଧମାଳ ଜିଲ୍ଲାର ଦୁଃଖ ବୁଝୁ ଛନ୍ତି ଦେଖୀ ବାକୁ ରହିଲା ।

# ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ

ପିପିଲି,୯।୧୨:(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁରସ୍ଥିତ ପିଏମ ଶ୍ରୀ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲର ୪୮ ତମ ଦୁଇ ଦିନିଆ। ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପ୍ରତିଭା ଷଡ଼ଙ୍ଗୀ ଏହାକୁ ଉଦଘାଟନ କରି ଥିଲେ । କ୍ରୀଡ଼ାବିତ ମାନେ ଗ୍ରାମ ଦେବତା ଗୋପାଳଜୀଉ ଙ୍କ ଠାରୁ କ୍ରୀଡା ମଶାଲ ଧରି ପଡିଆ। ରେ ପହଂଚିବା ପରେ ଜିଲ୍ଲା ଆର୍ଥିକ ପରାମର୍ଶ ଦାତା ବିଚିତ୍ରା ନନ୍ଦ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାସ ମିଶ୍ର, ଦାଣ୍ଡମୁକୁନ୍ଦପୁର ପଞ୍ଚାୟତ ସରପଞ୍ଚ ପରେଶ ମିଶ୍ର, ଶିକ୍ଷାବିତ ପ୍ରଶନ ଦାଶ, ସି ଆର ସି ସି ସଂଯୁକ୍ତା ମହାପାତ୍ର, ସ୍କୁଲ କମିଟି ସଭାପତି, ରମାକାନ୍ତ ମିଶ୍ର ଏବଂ ଆଲୁମିନି ମାଯାଧର ପୃଷ୍ଟି ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଯୋଗିତା କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗିତା କ୍ରୀଡା ଶିକ୍ଷୟତ୍ରୀ ରୋଜିନା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଚାଲିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ଶୁଭଶ୍ରୀ ଶତପଥୀ, ଇତିଶ୍ରୀ ନନ୍ଦ, ମଧୁସ୍ମିତା ନାୟକ, ସୌଦାମିନୀ ସାହୁ, ଶିକ୍ଷକ ଅଶୋକ ସ୍ୱାଇଁ ଏବଂ ସୁବାସ ଜେନା ପ୍ରମୁଖ ଉପସ୍ଥିତ ରହି ସମସ୍ତ କ୍ରୀଡ଼ା ପ୍ରତିଯୋଗିତା କୁ ପରିଚାଳନା କରିଥିଲେ ।

# ଭଲ ରାସ୍ତା ଉପରେ ହେଲା ସାନି ଢଳେଇ କାମ

ତିର୍ତ୍ତୋଲ,୯।୧୨:(ମନ୍ଥନ)ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ର ନରୁଆ। ଗ୍ରାମ ଆର୍ଡି ରାସ୍ତା ଠାରେ ଶ୍ମଶାନ ଗୃହକୁ କୁ ହୋଇଥିବା ରାସ୍ତା ଭଲ ଥାଇ ମଧ୍ୟ ରିପେରିଂ ହେବା ବଦଳରେ ପୁଣି ହେଲା ସାନିକାମ । ବିଜେଡ଼ି ସରକାର ସମୟରେ କିଛି ପେଟି ଠିକାଦାର ଏହି କାମକୁ ଗତ ନିର୍ବାଚନ କିଛି ଦିନ ପୂର୍ବରୁ ଏହି କାମ କରିଥିବା ବେଳେ ନିର୍ବାଚନ କେଇଟା ବର୍ଷ ନ ପୁରୁଣୁ ଡବଲ ଇଞ୍ଜିନ ସରକାର ର କିଛି କୁଜି ନେତା ମାନେ ବ୍ଲକ ର ଅଧିକାରୀ ଙ୍କୁ ଧରି ସେହି କାମକୁ ପୁଣୀ କରିଛନ୍ତି ବୋଲି ଚର୍ଚ୍ଚାକୁ ଖୋରାକ ଯୋଗାଇଛି । କେବଳ ସେତିକି ନୁହେଁ କାମ ସମୟରେ ଯନ୍ତ୍ରୀ ଉପସ୍ଥିତ ରହିବା ତ ଦୂରର କଥା କିନ୍ତୁ ସରକାର ଙ୍କ ନିୟମ କୁ ଫୁ କରି ରାସ୍ତାରେ ଏଟିମେଣ୍ଟ ରୁ ବାହାରକୁ ଯାଇ ସୋଠ ପକାଇଥିବା ବେଳେ,ସିମେଣ୍ଟ ମିକ୍ସର ମେସିନ୍ ରେ ରାସ୍ତା କାମ କରାଯାଉଛି । ଏଠି ପ୍ରଶ୍ନ ଉଠୁଛି ଯେ ପୁରୁଣା କାମ ରିପେରିଂ ବଦଳରେ ସାନି କାମ କରିବାକୁ କିଭଳି ଭାବରେ ବିଡ଼ିଓ ମହାଶୟ ଅର୍ଡର୍ ଦେଲେ ଯାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେଇଭଳି ଭାବରେ ତିର୍ତ୍ତୋଲ ବ୍ଲକ ନାମରେ ବାରମ୍ବାର ଅଭିଯୋଗ ଦୈନିକ ଗଣମାଧ୍ୟମ ରେ ପ୍ରକାଶ ପାଉଥିବା ବେଳେ । କିଛି ବରିଷ୍ଠ ନାଗରିକ ଏଭଳି ଅଧିକାରୀଙ୍କୁ ତିର୍ତ୍ତୋଲ ଭଳି ସମ୍ବେଦନ ଶିଳ ବ୍ଲକ ରୁ ତୁରନ୍ତ ବଦଳି କରିବାକୁ ମୁଖ୍ୟମନ୍ତ୍ରୀ ଙ୍କୁ ନିବେଦନ କରିବେ ବୋଲି ଜଣାପଡିଛି ।

# ଜୀବନ ବୀମା ଅଭିକର୍ତ୍ତା ମହାସଂଗଠନର ଦୁଇ ଦିନିଆ ଅଧିବେଶନ

ବଲାଙ୍ଗିର, ୯।୧୨:(ମନ୍ଥନ)ଜୀବନବୀମା ଅଭିକର୍ତ୍ତା ମହାସଂଗଠନ, ସମ୍ବଲପୁର ମଣ୍ଡଳ ପରିଷଦର ୧୧ତମ ସାଧାରଣ ଅଧିବେଶନ ଚଳିତ ବର୍ଷ ଡିସେମ୍ବର ୧୩ ଓ ୧୪ ତାରିଖ ରେ ବଲାଙ୍ଗିର ଠାରେ ଅନୁଷ୍ଠିତ ହେବା ସ୍ଥିର କରାଯାଇଛି । ସ୍ଥାନୀୟ ସମ୍ବଲପୁର ରୋଡ ସ୍ଥିତ ନଟରାଜ ପେଲେସ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିବସ ବ୍ୟାପି ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମସ୍ତ ଶାଖାରୁ ଶତାଧିକ ଜୀବନବୀମା ଅଭିକର୍ତ୍ତା ଯୋଗଦାନ କରି ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା ପୂର୍ବକ ସଫଳ କରିବା ପାଇଁ ଆୟୋଜକ ବଲାଙ୍ଗିର ଶାଖା ସଂଗଠନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟର ପହଂଚିଛି । ଅଧିବେଶନର ଉଭୟ ଦିବସ ରେ ମହାସଂଗଠନର କେନ୍ଦ୍ରୀୟ ସଂପାଦକ ବି.ମର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ ସାଂଗଠନିକ ଅଧ୍ୟକ୍ଷ ଏନ୍.ଗଜପତି ରାଓ, ଶିକ୍ଷା ବିଭାଗ ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସଂପାଦକ ସରୋଜ କୁମାର ଶଙ୍କୁଆ, କ୍ଷେତ୍ରୀୟ ସାଂଗଠାନିକ ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, ମଣ୍ଡଳ




ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ଇଂ.ଅଜିତ କର, ସଂପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳ ସ୍ତରୀୟ ଶୀର୍ଷ ନେତୃବୃନ୍ଦ ଯୋଗ ଦେଉଥିବା ବେଳେ ରାଜ୍ୟସଭା ସାଂସଦ ନିରଂଜନ ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ ବିଧାୟକ ନବୀନ ଜୈନ, ନବ ନିର୍ମାଚିତ ନୂଆପଡା ବିଧାୟକ ଜୟଭାଇ ଢୋଲକିଆ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଏବଂ ଟିଟିଲାଗଡ ପୌରାଧ୍ୟକ୍ଷା ମମତା ଦେବୀ ଜୈନ ପ୍ରମୁଖ ପର୍ଯ୍ୟାୟ କ୍ରମେ ଯୋଗ ଦେବା ପାଇଁ ସ୍ୱିକୃତି ପ୍ରଦାନ କରିଛନ୍ତି ବୋଲି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବଲାଙ୍ଗିର ଶାଖା ସଂଗଠନ ସଭାପତି ଅସୀମ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହି ଅଧିବେଶନରେ ଜୀବନ ବୀମା ଅଭିକର୍ତ୍ତା ମାନଙ୍କ ବହୁବିଧ ସମସ୍ୟା ଓ ବୃତିଗତ ସୁରକ୍ଷା ଉପରେ ବ୍ୟାପକ ବିଚାର ବିମର୍ଷ ସହିତ ମହାସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ହିତ ମଧ୍ୟମରେ କ୍ଷେତ୍ରୀୟ ତଥା ମଣ୍ଡଳ ସ୍ତରୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଦୁଇ ଥର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହିତ ବିଭିନ୍ନ ଉପ-କମିଟି ଗଠନ କରାଯାଇଛି । ସାମ୍ବାଦିକ ଭବନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅସୀମ ପଟ୍ଟନାୟକଙ୍କ ବ୍ୟତିତ ଶାଖା କାର୍ଯ୍ୟକାରି ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ସଂପାଦକ ସରୋଜ କୁମାର ଭୋଇ, କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟି ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ଉଦିତ୍ କୁମାର ଦାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାରିପଦା ବିଜେପି ପକ୍ଷରୁ ଘରେ ଘରେ ସ୍ୱଦେଶୀ ଅଭିଯାନ

ମୋରଡ଼ା,୯।୧୨:(ମନ୍ଥନ)ବିଜେପି ବାରିପଦା ନଗର ଶାଖା ପକ୍ଷରୁ ଇତି ମଧ୍ୟରେ ଜୋରସୋରରେ ଘରେ ଘରେ ସ୍ୱଦଶୀ, ପ୍ରତି ଘରେ ସ୍ୱଦେଶୀ ଅଭିଯାନ ଆରମ୍ଭ କରାଯାଇଛି । ଅଭିଯାନରେ ସାମିଲ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପ୍ରତି ଘରେ, ପରିବାରରେ, ଅନୁଷ୍ଠାନରେ, ବ୍ୟାବସାୟିକ ପ୍ରତିଷ୍ଠାନରେ.. ସର୍ବତ୍ର ସ୍ୱଦେଶୀ ସାମଗ୍ରୀଚୟର ବ୍ୟବହାରକୁ ସର୍ବୋଚ୍ଚ ପ୍ରାଥମିକତା ଓ ଅଗ୍ରାଧିକାର ଦେବାକୁ ଘରକୁ ଘର ଯାଇ ଲୋକଙ୍କୁ ବୁଝାଉଥିବା ଲକ୍ଷ୍ୟ କରାଯାଉଛି । ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ଜିଲ୍ଲା ଉପସଭାନେତ୍ରୀ ଶୋଭାବତୀ ଓତା, ଦୁଇ ନଗର ମଣ୍ଡଳ ସଭାପତି ସୁବ୍ରତ ମୁଖୀ ଓ ଶ୍ରଦ୍ଧାଞ୍ଜଳି ପଣ୍ଡା ତଥା ବରିଷ୍ଠ ନେତା ରସିକାନନ୍ଦ ମିଶ୍ର, ଶମ୍ଭୁନାଥ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ବିକାଶ ରଞ୍ଜନ ବାରିକ, ଇନ୍ଦୁଭୂଷଣ



ଜେନା, ସତ୍ୟ ରଞ୍ଜନ ବେହେରା, ପ୍ରଦ୍ୟୁତ ଦାସ ପ୍ରମୁଖଙ୍କ ତତ୍ତ୍ୱାଧାନରେ ପରିଚାଳିତ ଏହି ନଗର-ବ୍ୟାପୀ ବ୍ୟାପକ ଜନ-ସମ୍ପର୍କ ଅଭିଯାନରେ ବହୁ ଦଳୀୟ କର୍ମୀ ସାମିଲ ହୋଇ ସ୍ୱଦେଶୀ ଜିନିଷ ବ୍ୟବହାର ସମ୍ପର୍କିତ ଏକ ସଂକଳ୍ପପତ୍ରରେ ଲୋକଙ୍କୁ ସ୍ୱାକ୍ଷର କରାଉଛନ୍ତି । ବିଜେପି ନେତାମାନେ ୱାର୍ଡ ୱାର୍ଡ ବୁଲି ଉତ୍ସାହର ସହ ଏହି କାର୍ଯ୍ୟକ୍ରମ ଚଳାଉଥିବା ବେଳେ ଏଥିନେଇ ସାଧାରଣରେ ବେଶ ଅନୁକୂଳ ପ୍ରତିକ୍ରିୟା ମିଳୁଥିବା ଦଳୀୟ ସୂତ୍ରରୁ ପ୍ରକାଶ ।

# ଉଦଯାପନୀ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ 'ଭୟ' ମଞ୍ଚସ୍ଥ ଦର୍ଶକ ମାନଙ୍କ ମନକୁ ବେଶ ଆକର୍ଷଣ କରିଥିଲା

ପାରାଦୀପ,୯।୧୨:(ମନ୍ଥନ)ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ପାରାଦୀପ ସାଂସ୍କୃତିକ ମହୋତ୍ସବ- ୨୦୨୫ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ବନ୍ଦରର ଅର୍ଥ ବିଭାଗର କଳାକାରମାନେ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ଆନନ୍ଦ ଚନ୍ଦ୍ର ପହିଙ୍କ ଲିଖିତ ନାଟକ 'ଭୟ' ମଞ୍ଚସ୍ଥ କରିଥିଲେ ଯାହା ଉପସ୍ଥିତ ଭରପୁର



ଦର୍ଶକ ମାନଙ୍କ ମନ କୁ ବେଶ ଆକୃଷ୍ଟ କରିଥିଲା । ଭୟ ଏ ପରି ଏକ ଅଦୃଶ୍ୟ ଶକ୍ତି ଯାହା ମଣିଷର ହୃଦୟ ଭିତରକୁ ପ୍ରବେଶ କରି ଖାଇଯାଏ ଓ ମନର ଅନ୍ଧକାରରେ ଯଦି ଘର କରିଯାଏ ସେଇଠି ଭୟ ସୃଷ୍ଟି ହୁଏ ତଥା ଭୟ ଏବଂ ମଣିଷର ସାମ୍ନା ସାମ୍ନି ହୋଇଯାଆନ୍ତି ସେତେବେଳେ ଭୟାନକ ରୂପ ଧାରଣ କରିଥାଏ । ଏକ ସାଧାରଣ ପରିବାରର ବାପା, ମା ଓ ଝିଅଙ୍କର ଜୀବନର ଦିଗକୁ ଏକ ଅଜଣା ଶବ ବଦଳାଇ ଦିଏ । ମନୁଷ୍ୟତା ଭାବି ସେମାନେ ଚେଷ୍ଟା କରନ୍ତି ଶବକୁ ଚିହ୍ନିବା ପାଇଁ, ସମ୍ମାନର ସହିତ ଶବ ଦାହ କରିବା ପାଇଁ । କିନ୍ତୁ ସମାଜ ଭୟରେ ମୁହଁ ଘୁଞ୍ଚିଲା, ଦସ୍ତଖତ ହଟିଲା, ସ୍ୱର ମଧ୍ୟ ନୀରବ ହୋଇଗଲା । ଯେଉଁଠି ସମସ୍ତେ ପଛକୁ ହଟିଗଲେ ସେଠୀ ଦୁଇଟି ମଣିଷ ବାପା ଓ ଝିଅ ସତ୍ୟ ଖୋଜିବାରେ ଅତୁଟ ରହିଲେ । ଯେତେବେଳ ସତ୍ୟ ପରିପ୍ରକାଶ ହେଲା ତାହା ଥିଲା ଭୟଙ୍କର । ଏହି ନାଟକ ମନୁଷ୍ୟ ମନରେ ଥିବା ଭୟ, ଦାୟିତ୍ୱଓ ମାନବତାର ସଂଘର୍ଷର ଏକ ନିଛକ ଉଦାହରଣ । ଯାହା ଆମକୁ ପ୍ରଶ୍ନ କରେ ଭୟ ଆମକୁ ସୁରକ୍ଷିତ କରେ ନା ଆମର ମନୁଷ୍ୟତାକୁ ହରିନିଏ । ଅନ୍ତିମ ସନ୍ଧ୍ୟାର ନାଟକର ମୁଖ୍ୟ ଆକର୍ଷଣ ଥିଲା ପ୍ରଶାନ୍ତ ମହାରଣା ଏବଂ ତାଙ୍କ ସାଥୀ କଳାକାର ମାନଙ୍କ ଦ୍ୱାରା ପାଲା ପରିବେଷଣ । ଓଡ଼ିଶାର ପୁରାତନ କଳା ପାଲାକୁ ପରିବେଷଣ କରି କଳାକାର ମାନେ ଦର୍ଶକ ମାନଙ୍କର ପ୍ରଶଂସା ସାଉଁଟିଥିଲେ । ଦୀର୍ଘ ୯ ଦିନ ଧରି ପାରାଦୀପ ବନ୍ଦର ତରଫରୁ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବ ବନ୍ଦର ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ କଳା ସଂସ୍କୃତି ପ୍ରତି ନିଜର ପ୍ରତିବଦ୍ଧତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଅନ୍ତେବାସୀ ମାନଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା । ଏହି ମହୋତ୍ସବ ସେମାନଙ୍କ ମଧ୍ୟରେ ଭାଇଚାରା ମଧ୍ୟ ସୃଷ୍ଟି କରିପାରିଥିଲା । ଅନ୍ତିମ ସନ୍ଧ୍ୟାରେ ବନ୍ଦର ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ଡି ସି କ୍ୟାପଟେନ ଅଲେଖ ସାହୁ ଆମ କଳା, ସଂସ୍କୃତି କୁ ନେଇ କଳାକାର ମାନଙ୍କ ନିଖୁଣ କଳା ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିବାସହ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ ଏବଂ ମହୋତ୍ସବର ସଫଳ ଆୟୋଜନ ପଛରେ ଥିବା ସବୁ ବିଭାଗ ର କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ ଏ ପରିକି ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ କୁମାର ମହାରଣାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଆଗକୁ ଆହୁରି ସରସ ସୁନ୍ଦର ଏବଂ ଆକର୍ଷଣ କରିବାକୁ ଶ୍ରୀ ମହାରଣା ଙ୍କୁ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ ।

# ଜିଲ୍ଲା ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୯।୧୨:(ମନ୍ଥନ)ଆଜି ଜିଲ୍ଲା ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ ବଲାଙ୍ଗୀର ଜିଲ୍ଲାର ୧୪ଟି ବ୍ଲକର ମୁଖ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଶାନ୍ତିପଡ଼ା ସ୍ଥିତ ନବର୍ନିମିତ କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ସହିତ ନବର୍ନିମିତ କଲ୍ୟାଣ ମଣ୍ଡପର ସୌନ୍ଦର୍ଯ୍ୟକରଣ ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲା ସମ୍ପାଦକ ପ୍ରଦୀପ ସାହୁ ଖୁବ ଶୀଘ୍ର ଏକ ସୁନ୍ଦର ମୁଖ୍ୟ ଦ୍ୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହିତ ଭିତରେ ରହିଯାଇଥିବା ଅନେକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମାପନ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ । ବୈଠକରେ ଉପସ୍ଥିତ ପଦାଧିକାରୀମାନେ ନୂତନ ପ୍ରସ୍ତାବଗୁଡ଼ିକୁ ସମ୍ମତି ପ୍ରକାଶ କରି ସହଯୋଗର ଆଶ୍ୱାସନ ଦେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରମୁଖ ଥିଲେ ମିତ୍ରଭାନୁ ସାହୁ, ମହେଶ୍ୱର ସାହୁ, ରବୀନ୍ଦ୍ର ସାହୁ, ବିକାଶ ସାହୁ, କୃଷ୍ଣ ସାହୁ, ରାମପ୍ରସାଦ ସାହୁ, ଧ୍ରୁବ ସାହୁ, ଦୁର୍ଗା ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବୈଠକକୁ ସୁଚାରୁ ଭାବେ ଚଳାଇବାରେ ଫିରୋଜ ସାହୁ ସମସ୍ତ ବ୍ୟବସ୍ଥା କରିଥିଲେ । ଶେଷରେ ବିକାଶ ସାହୁ ସମାପନୀ ଉଦବୋଧନ ଦେଇ ସମସ୍ତ ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ଲିଗ ମ୍ୟାଚର ଚତୁର୍ଥ ଦିବସ ପ୍ରତିଯୋଗିତାର ଫଳାଫଳ

ଜଗତସିଂହପୁର,୯।୧୨:(ମନ୍ଥନ) ୨୦୨୫ ଜଗତସିଂହପୁର ଜିଲ୍ଲାର ସାତୋଟି ଷ୍ଟାଡିଅମ ରେ ୩୧ଟି କ୍ରୀଡ଼ାଜିଲ୍ଲା ମଧ୍ୟରୁ ଆଜି ଚତୁର୍ଥ ଦିବସରେ ୧୭ବର୍ଷରୁ କମ ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୬ଟି ମ୍ୟାଚ ଲିଗ ଭିତ୍ତିରେ ଅନୁଷ୍ଠିତ ହୋଇଯାଇଛି । ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ କୋରାପୁଟ ବନାମ ସୋନପୁର ମଧ୍ୟ ରେ ଅନୁଷ୍ଠିତ ମ୍ୟାଚ୍ ରେ କୋରାପୁଟ ୮ରନ୍ ରେ ବିଜୟ ଲାଭ କରିଥିଲାବେଳେ କେନ୍ଦ୍ରାପଡ଼ା ବନାମ ଗଜପତି ମ୍ୟାଚ୍ ରେ ଗଜପତି ୭ ୱିକେଟ୍ ରେ ବିଜୟ ଲାଭ କରିଛି ।ନନ୍ଦବ୍ରତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ରାୟଗଡ଼ା ବନାମ ବଲାଙ୍ଗୀର ମ୍ୟାଚ୍ ରେ ବଲାଙ୍ଗୀର ୮ ୱିକେଟ୍ ରେ ବିଜୟ ଲାଭ କରିଥିଲାବେଳେ ବାଲେଶ୍ୱର ବନାମ ନବରଙ୍ଗପୁର ମ୍ୟାଚ୍ ରେ ନବରଙ୍ଗପୁର ୭୪ ରନ୍ ରେ ବିଜୟ ଲାଭ କରିଅଛି । ସତୀ ଖେଳପଡିଆ। ଠାରେ ସମ୍ବଲପୁର ବନାମ କଳାହାଣ୍ଡି ମ୍ୟାଚ୍ ରେ ସମ୍ବଲପୁର ୧୨୭ ରନ୍ ରେ ବିଜୟ ଲାଭ କରିଥିଲାବେଳେ ମାଲକାନଗିରି ବନାମ ନୟାଗଡ଼ ମ୍ୟାଚ୍ ରେ ମାଲକାନଗିରି ୮ ୱିକେଟ୍ ରେ ବିଜୟ ଲାଭ କରିଅଛି । ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ମୟୂରଭଞ୍ଜ ବନାମ ଖୋର୍ଦ୍ଧା ମ୍ୟାଚ୍ ରେ ଖୋର୍ଦ୍ଧା ୬ ୱିକେଟ୍ ରେ ବିଜୟ ଲାଭ କରିଥିଲାବେଳେ , ଝାରସୁଗୁଡ଼ା ବନାମ କେଉଁଝର ମ୍ୟାଚ୍ ରେ କେଉଁଝର ୫ୱିକେଟ୍ ରେ ବିଜୟ ଲାଭ କରିଅଛି । ସ୍ୱାମୀ ବିବେକାନନ୍ଦସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆ। ରେ ଅନୁଗୁଳ ବନାମ ଢେଙ୍କାନାଳ ମ୍ୟାଚ୍ ରେ ଢେଙ୍କାନାଳ ୧ ୱିକେଟ୍ ରେ ବିଜୟ ଲାଭ କରିଥିଲାବେଳେ ଗଂଜାମ ବନାମ ଭଦ୍ରକ ମ୍ୟାଚ୍ ରେ ଭଦ୍ରକ ୫୫ ରନ୍ ରେ ବିଜୟ ଲାଭ କରିଅଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୋଲିସ ବାରକ୍ଷକ ପଡିଆରେ କେଉଁଝର ବନାମ ସମ୍ବଲପୁର ମ୍ୟାଚ୍ ରେ ସମ୍ବଲପୁର ୪ ରନ୍ ରେ ବିଜୟ ଲାଭ କରିଥିଲାବେଳେ ଭୁବନେଶ୍ୱର ବନାମ ଭଦ୍ରକ ମ୍ୟାଚ୍ ରେ ଭୁବନେଶ୍ୱର ୯ ୱିକେଟ୍ ରେ ଏବଂ ମୟୁରଭଞ୍ଜ ବନାମ ନବରଙ୍ଗପୁର ମ୍ୟାଚ୍ ରେ ମୟୁରଭଞ୍ଜ ୨ରନ୍ ରେ ବିଜୟ ଲାଭ କରିଅଛି ।ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ବଲାଙ୍ଗୀର ବନାମ ପୁରୀ ମ୍ୟାଚ୍ ରେ ପୁରୀ ୯ ୱିକେଟ୍ ରେ,କଟକ ବନାମ ଅନୁଗୁଳ ମ୍ୟାଚ୍ ରେ କଟକ ୯ ୱିକେଟ୍ ରେ ଓ ବଲାଙ୍ଗୀର ବନାମ ଝାରସୁଗୁଡ଼ା ମ୍ୟାଚ୍ ରେ ବଲାଙ୍ଗୀର ୯ ୱିକେଟ୍ ରେ ବିଜୟ ଲାଭ କରିଛନ୍ତି । ସମସ୍ତ ମ୍ୟାଚ୍ କୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରକ୍ଷୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଖେଳାଳି ଉପଭୋଗ କରିଥିଲେ । ଏହି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାରେ ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ,ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ଗଠିତ ଜିଲ୍ଲା କମିଟିର ସମସ୍ତ ସଦସ୍ୟ/ସଦସ୍ୟା ଓ ରାଜ୍ୟ କର୍ମକର୍ତ୍ତା ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ ।

# ସ୍ୱର୍ଗତ କୁଳମଣି ବରାଳଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ

ମାହାଙ୍ଗା, ୯।୧୨:(ମନ୍ଥନ)ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୃତାଙ୍ଗ ଗ୍ରାମ ପଂଚାୟତର ଦିବଂଗତ ନେତା ମାହାଙ୍ଗା ପଂଚାୟତ ସମିତିର କଂଗ୍ରେସ ଦଳର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ କୁଳମଣି ବରାଳଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ଏବଂ ନୃତାଙ୍ଗ ପଂଚାୟତର ପୂର୍ବତନ ସରପଂଚ ରମାକାନ୍ତ ବରାଳଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଯୋଗଦେଇ ଉଭୟ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ। ଶ୍ରୀଯୁକ୍ତ ସାହୁଙ୍କ ସହିତ ଚୈତନ୍ୟ ଚରଣ ପାଣି, ଉତ୍ସବ ପରିଡା, ଯୁବସଂଗଠକ ଉତ୍ତମ କୁମାର ବେହେରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଦିବଂଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସଂସଦରେ ବାକ୍‌ବିତଣ୍ଡା

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସମ୍ବେଦନଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍‌କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍‌ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଯାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍‌ବିତଣ୍ଡା ହୋଇଛି। ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି । ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିବେ। ଆଜିର ପ୍ରତ୍ୟେକ ଯୁବତୀଯୁବକ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେହିମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ପଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ କେବେ ହେଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତର ଚଳଚ୍ଚିତ୍ର ଜଗତରେ ଏମ୍. ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ମୁହଁରୁ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଷ୍ଟିଲରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃବୃନ୍ଦ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଲିମୁଣ୍ଡିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ। ସଂସଦରେ ବନ୍ଦେ ମାତରମ୍‌ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ବାରମ୍ବାର ଟାଣି ଆଣିବା ଅସୁନ୍ଦର ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖୁଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିଖୁଣ ହୋଇ ନ ଥାଇପାରେ। କିନ୍ତୁ ସେ ଭିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି। ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ୍ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

# ସଦ୍‌ଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦ୍‌ଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି। ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି। ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି। ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହଞ୍ଚି ଯାଏ। ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ। ଯାହାଫଳରେ ସଦ୍‌ଗୁରୁଙ୍କ ସାନ୍ନିଧ୍ୟ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ। ହୃଦୟରେ ଏହି ବିଶୁଦ୍ଧ ନବପୁଲକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ। ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ। ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତ୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି।

ଗୁରୁ ଏବଂ ଭକ୍ତଙ୍କ ମଧ୍ୟରେ ଏହିପରି ସଂପର୍କ ସ୍ଥାପିତ ହୋଇଯିବାପରେ ଗୁରୁ ଯେଉଁଠି ଥାଆନ୍ତୁନା କାହିଁକି, ସଦାସର୍ବଦା ଶିଷ୍ୟକୁ ନିଜ ତୀକ୍ଷଣ ଦୃଷ୍ଟିରେ ରଖିଥାନ୍ତି। ଗୁରୁ ଶିଷ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଅବହିତ ଥିବାରୁ ସେ ତାକୁ ବିଭିନ୍ନ ଭାବରେ ସାହାଯ୍ୟ କରିବାକୁ ଆରମ୍ଭ କରନ୍ତି। ସଦ୍‌ଗୁରୁ ଏହି ସମସ୍ତ କାର୍ଯ୍ୟ ସହ ଭକ୍ତର ଭୌତିକ ଓ ମାନସିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରନ୍ତି। ଯାହାଫଳରେ ଶିଷ୍ୟର ଆଧ୍ୟାତ୍ମିକ ଉତ୍ତରଣ ସମ୍ଭବ ହୁଏ। ସେ ମଧ୍ୟ ଶିଷ୍ୟକୁ ବିପଦ ସମୟରେ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରିଥାନ୍ତି।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସୃଷ୍ଟି ପାଇଁ ମାଟି

ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ। ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ।

ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି। ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ଅବିସ୍ମରଣୀୟ ଶିକ୍ଷକ ଓ ସଂଗଠକ ବିନାୟକ ଆଚାର୍ଯ୍ୟ ଏକ ଦୃଷ୍ଟିପାତ

କୈଳାସ ଚନ୍ଦ୍ର ଦାଶ

ଆଦର୍ଶ ଛାତ୍ର, ଆଦର୍ଶ ଶିକ୍ଷକ, ବିଖ୍ୟାତ ସଂଗଠକ, ବାମପନ୍ଥୀ କର୍ମୀ, ବିଧାୟକ ଏବଂ ସର୍ବୋପରି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିନାୟକ ଆଚାର୍ଯ୍ୟଙ୍କ ଜୀବନ କାହାଣୀ ଆଜି ମଧ୍ୟ ଅନାଲୋଚିତ କିନ୍ତୁ ଓଡିଶାର ରାଜନୀତିକ ଇତିହାସରେ ତାଙ୍କର ଏକ ବନ୍ଦନୀୟ ଆସନ ରହିଛି, ଏହା ଅସ୍ୱୀକାର କରିହେବନାହିଁ । ତାଙ୍କ ଛାତ୍ର ଓ ଯୌବନକାଳର କାର୍ଯ୍ୟମାଳା, ତାଙ୍କର ସାହିତ୍ୟିକ ଅନୁରାଗ ସହିତ ତାଙ୍କର ସଂସଦୀୟ ଭାଷଣ ସମଗ୍ର ଅନୁଶୀଳନ କଲେ ଏକ ପ୍ରଗତିଶୀଳ ବୈପ୍ଳବିକ ଚିନ୍ତାନାୟକ ଏବଂ ଅର୍ଥନୀତିଜ୍ଞ ତଥା ରାଷ୍ଟ୍ରନୀତିଜ୍ଞର ଛବି ଅଙ୍କିତ ହୋଇଯାଏ । ତାଙ୍କ ବହୁମୁଖୀ କାର୍ଯ୍ୟମାଳାରେ ଆଦର୍ଶବାଦ ଏବଂ ପ୍ରଗତିଶୀଳ ଚିନ୍ତାଧାରା ଆଜି ମଧ୍ୟ ଛାତ୍ରଛାତ୍ରୀ ତଥା ଯୁବକଯୁବତୀମାନଙ୍କୁ ଯଥେଷ୍ଟ ପ୍ରେରଣା ଯୋଗାଇଥାଏ ତାଙ୍କର କର୍ମପ୍ରବାହ ଆଜି ମଧ୍ୟ ପ୍ରାସଙ୍ଗୀକତା ହରାଇପାରିନାହିଁ ।

ବିନାୟକ ଆଚାର୍ଯ୍ୟ ବ୍ରହ୍ମପୁର ସହରର ଶଙ୍କରପୁର ସାହିରେ ନିମ୍ନ ମଧ୍ୟବିତ୍ତ ବ୍ରାହ୍ମଣ ପରିବାରରେ ଅଗଷ୍ଟମାସ ୩୦ ତାରିଖ ୧୯୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସ୍ୱର୍ଗତଃ ହରେକୃଷ୍ଣ ମହତାବ ପ୍ରଜାତନ୍ତ୍ରର ଡିସେମ୍ବର ୨୯ ୧୯୭୬ ସଂଖ୍ୟାରେ ଗାଁ ମଜଲିସ ସ୍ତମ୍ଭରେ ପ୍ରସଂଗ କ୍ରମେ ବିନାୟକ ବାବୁଙ୍କର ବଂଶର କୌତୁହଳଜନକ ଇତିହାସ ଲେଖିଥିଲେ ତାଙ୍କ ବିବରଣୀ ଅନୁସାରେ-ଆଚାର୍ଯ୍ୟଙ୍କର ପୂର୍ବପୁରୁଷ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାଲକୋଣ୍ଡା ନାମକ ଏକ ରାଜ୍ୟର ରାଜାଙ୍କ ପ୍ରଧାନମନ୍ତ୍ରୀ ଥିଲେ । ସେ ରାଜା ବ୍ରିଟିଶ ସରକାରଙ୍କ କୋପଚକ୍ଷୁରେ ପଡି ରାଜ୍ୟ ହରାଇଲେ ରାଜ୍ୟକୁ ଖାସ କରିଦେଇ ବ୍ରିଟିସ ସରକାର ପ୍ରଧାନମନ୍ତ୍ରୀଙ୍କୁ ପାଲକୋଣ୍ଡାରୁ ବହିଷ୍କାର କରି ବ୍ରହ୍ମପୁରରେ ବାର୍ଷିକ ଭତ୍ତା ଦେଇ ରଖିଥିଲେ ଏବଂ ପରିବାରର ପ୍ରତିପୋଷଣ ପାଇଁ ଯେତେ ଶଗଡ ଧାନ ଦେବାର ବ୍ୟବସ୍ଥା କଲେ ସେତେବେଳେ ତାହାର ମୂଲ୍ୟ ଥିଲା । ଏକ ହଜାର ଟଙ୍କା ଏହି ବାର୍ଷିକ ବୃତ୍ତି ସେ ପରିବାର ମହତାବଙ୍କ ଆଲୋଚନା ପ୍ରକାଶ ପାଇବା ବେଳେ ମଧ୍ୟ ଭୋଗ କରୁଥିଲେ ଏହିପରି ଏକ ଆଦର୍ଶବାଦୀ ପରିବାରରେ ତାଙ୍କର ପିତା ରଘୁନାଥ ଆଚାର୍ଯ୍ୟ ଶିକ୍ଷକ ହିସାବରେ ଜୀବନ ନିର୍ବାହ କରୁଥିଲେ ବାଲ୍ୟଶିକ୍ଷା ଠାରୁ ଆଇ.ଏ ପରୀକ୍ଷା ପର୍ଯ୍ୟନ୍ତ ବ୍ରହ୍ମପୁର ବିଦ୍ୟାଳୟ ଓ କଲେଜରେ ସମାପନ କରି ପାରଳାଖେମୁଣ୍ଡି କଲେଜରେ ବି.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏହାପରେ ସେ କଟକ ଟ୍ରେନିଂ କଲେଜରୁ ଡି.ଇଡି ପାସ କରିଥିଲେ ଛାତ୍ର ଅବସ୍ଥାରୁ ବିନାୟକ ବାବୁ ଦୁଃଖୀ ଦରୀଦ୍ରମାନଙ୍କ ପ୍ରତି ସମ୍ବେଦନଶୀଳ ଥିଲେ ଇଂରେଜ ଶାସକମାନଙ୍କର ଅତ୍ୟାଚାର ତାଙ୍କୁ ସେତେବେଳେ ବିଦ୍ରୋହୀ କରାଇଥିଲା। ଔପନିବେଶିକ ଶାସନକୁ ସେ ଆକ୍ଷେପ କରିଥିଲେ ସେତେବେଳେ ସେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରିଥିଲେ ଯାହାର ନାମ ଥିଲା ସେବକ ଦଳ ଦୁଃଖୀ ଦରୀଦ୍ର ଶୋଷିତ ଲୋକମାନଙ୍କର ସେବା କରିବା ଥିଲା ଏହି ଅନୁଷ୍ଠାନର ମୂଳଲକ୍ଷ୍ୟ ସେତେବେଳେ ଅର୍ଥାତ ୧୯୩୨-୩୩ ବେଳକୁ ବ୍ରହ୍ମପୁରରେ ଉତ୍କଳ ବନ୍ଧୁ ସମାଜ ଗଠିତ ହୋଇଥିଲା । ଶିକ୍ଷା ପ୍ରସାର ଓ ପୁସ୍ତକ ସଂଗ୍ରହ ଓ ଅଧ୍ୟୟନ ପରି କାର୍ଯ୍ୟକ୍ରମ ଏହି ସମାଜର ଅଙ୍ଗ ଥିଲା ବିନାୟକ ଆଚାର୍ଯ୍ୟ ଛାତ୍ର ହିସାବରେ ଶିକ୍ଷାର ଅଭିବୃଦ୍ଧି ପାଇଁ ଏହି ସଂସ୍ଥାକୁ ଖଣ୍ଡିଏ ପୁସ୍ତକ ସାହାଯ୍ୟ କରିଥିଲେ। ବୋଲି ଆଶା ସମ୍ବାଦପତ୍ରରେ ୨୩ ଜୁଲାଇ ୧୯୩୪ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ୧୯୩୦ ଦଶକରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ପାରଳାଧିଶ୍ୱର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରବଳ ଉଦ୍ୟମ କରିଥିଲେ । ବିଏ ପଢିବା ବେଳେ ଯୁବକ ବିନାୟକ ପାରଳା ମହାରାଜାଙ୍କ ସମ୍ପର୍କରେ ଆସିଥିଲେ ଏବଂ ପାରଳାଖେମୁଣ୍ଡି କଲେଜର ଛାତ୍ର ଥିବା ବେଳେ ମହାରାଜାଙ୍କର ଓଡିଶା ପ୍ରୀତି ତଥା ଦେଶଭକ୍ତି ତାଙ୍କୁ ଅନୁପ୍ରାଣିତ କରିଥିଲା ।

ବି.ଏ ଡି. ଇଡି ପାସ କରିବା ପରେ ମେଧାବୀ ଛାତ୍ର ବିନାୟକ ଶିକ୍ଷକ ଭାବେ କର୍ମ ଜୀବନ ଆରମ୍ଭ କରିଥିଲେ ପ୍ରଥମେ ହିଞ୍ଜିଳିକାଟୁର ବିଦ୍ୟାପୀଠ ଏବଂ ପରେ ବ୍ରହ୍ମପୁର ମ୍ୟୁନିସପାଲ ମାଧ୍ୟମିକ ସ୍କୁଲ ରେ ସେ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ । ସେ ଶିକ୍ଷକତାକୁ ଏକ ପବିତ୍ର ମାନବ ଧର୍ମ ରୂପେ ବିଶ୍ୱାସ କରୁଥିଲେ ଶିକ୍ଷାକ୍ଷେତ୍ରକୁ ସେ ମାନବ ଗଠନ ଅନୁଷ୍ଠାନ ରୂପେ ଗ୍ରହଣ କରୁଥିଲେ। ସେ ଜଣେ ଆଦର୍ଶପ୍ରିୟ ଛାତ୍ରବତ୍ସଳ ଶିକ୍ଷକ ଥିଲେ ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ ପ୍ରତି ତାଙ୍କର ସଜାଗ ଦୃଷ୍ଟି ଥିଲା ଛୁଟିଦିନମାନଙ୍କରେ ଅତିରିକ୍ତ କ୍ଲାସ ରଖି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଉଥିଲେ ଏବଂ ପରୀକ୍ଷା ପାଇଁ ଉପଯୁକ୍ତ ଘରୋଇ ପରୀକ୍ଷା କରୁଥିଲେ ପ୍ରତି ମାସର ଶେଷ ସପ୍ତାହରେ ସେ ଗୋଟିଏ ସାଂସ୍କୃତିକ ଆଲୋଚନା ସଭା କରି ନୀତିଶିକ୍ଷା ଦେଉଥିଲେ । ପାଶ୍ଚାତ୍ୟ ଆଦର୍ଶ ଜୀବନମାଳା ଶୁଣାଉଥିଲେ କୈଳାସ ଆଚାର୍ଯ୍ୟ ତାଙ୍କର ଛାତ୍ର ହିସାବରେ ପ୍ରଜାତନ୍ତ୍ରରେ ୧୮ ଡିସେମ୍ବର ୧୯୮୩ ସଂଖ୍ୟାରେ ଲେଖିଛନ୍ତି-"ଭୁଗୋଳ ତାଙ୍କର ଶିକ୍ଷାଦାନର ମୁଖ୍ୟ ବିଷୟ ଥିଲା ଓ ଶ୍ରେଣୀରେ ସେ ପୃଥିବୀର ବିଭିନ୍ନ ଦେଶର ଭୌଗୋଳିକ ପରିସ୍ଥିତି ସହିତ ରାଜନୀତିକ ପରିବେଶର ବିଶଦ ବ୍ୟାଖ୍ୟା କରିଥିଲେ ସେହି ହେତୁ ଆମେ ହାଇସ୍କୁଲର ଛାତ୍ର ଅବସ୍ଥାରେ ନେହେରୁଙ୍କ ପଞ୍ଚଶୀଳ ନୀତି ସହିତ ବେଶୀ ପରିଚିତ ହେଲୁ କ୍ରୁଶ୍ଚେଭ ଓ ଆଇଜେନ ହାୱାରଙ୍କ ଶୀତଳ ଯୁଦ୍ଧ ସମ୍ପର୍କରେ ଶ୍ରେଣୀରେ ତର୍କ କରିଥିଲୁ"ଏଥି ପାଇଁ ପ୍ରେରଣା ଦେଇଥିଲେ ଶିକ୍ଷକ ବିନାୟକ ଆଚାର୍ଯ୍ୟ।

୧୯୪୦ ମସିହାରେ ବ୍ରହ୍ମପୁରରେ ଯେତେବେଳେ କଳାଜ୍ୱର ହୋଇଥିଲା ଏବଂ ତୋଫାନ ଓ ଦୁର୍ଭିକ୍ଷର ପ୍ରାଦୁର୍ଭାବ ଦେଖା ଦେଇଥିଲା ସେତେବେଳେ ବିନାୟକଙ୍କ ତରୁଣ ସେବକ ସଂଘ ଅସହାୟ ଗରୀବ ରୋଗୀଙ୍କ ସେବା ପାଇଁ ଔଷଧ ଓ ମୁଡି ଚାଉଳ ସଂଗ୍ରହ କରିଥିଲେ ଏବଂ ଘରଘର ବୁଲି ବିଭୁକ୍ଷୁମାନଙ୍କୁ ବାଣ୍ଟିଥିଲେ ଶିକ୍ଷକତା ସମୟରେ ସେଶର ରାଜନୈତିକ ନେତାମାନଙ୍କ ସହ ତାଙ୍କର ସମ୍ପର୍କ ଯୋଗୁଁ ଭାରତ ଛାଡ ଆନ୍ଦୋଳନ ବେଳେ ତାଙ୍କୁ ପୋଲିସ ଅଟକ ବନ୍ଦୀଙ୍କ ଯୋଗସୂତ୍ରକାରୀ ବୋଲି ସନ୍ଦେହ କରିଥିଲେ। (ସମାଜ, ଡିସେମ୍ବର ୨୮, ୧୯୭୬) ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ଉଦ୍ଦେଶ୍ୟରେ ବ୍ରହ୍ମପୁରଠାରେ ୧୯୪୫ ବେଳକୁ ଯେଉଁ ବିରାଟ ସଭା ଆୟୋଜିତ ହୋଇଥିଲା ସେହି ସଭାରେ ବିନାୟକଙ୍କ ପ୍ରେରଣାରେ ତାଙ୍କ ତରୁଣ ସଂଘର କର୍ମୀମାନେ ସ୍ୱେଚ୍ଛା ସେବକ ରୂପେ ବିଶେଷ ସାହାଯ୍ୟ କରିଥିଲେ ସେ ବ୍ରହ୍ମପୁରରେ ହରିଜନ ଓ ବସ୍ତିବାସୀଙ୍କ ମଧ୍ୟରେ ବହୁ ଗଠନମୂଳକ କାର୍ଯ୍ୟ ଏହି ଶିକ୍ଷକତା ସମୟରେ କରିଥିଲେ ସେ ବ୍ରାହ୍ମଣ ହୋଇ ମଧ୍ୟ ହରିଜନଙ୍କ ସହ ଏକତ୍ର ଭୋଜନ କରି ତାଙ୍କ ପରିବାରର ତଥା ବ୍ରାହ୍ମଣ ସମାଜର ରୋଷର ପାତ୍ର ହୋଇଥିଲେ (ସମାଜ, ଡିସେମ୍ବର ୨୮, ୧୯୭୬) ୧୯୫୪ ମସିହାରେ ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରେ କେତେକ ନ୍ୟସ୍ତସ୍ୱାର୍ଥ ମହଲ ଯେଉଁ ଭାଷାଗତ ଉତ୍ତେଜନା ଓ ଗଣ୍ଡଗୋଳ ସୃଷ୍ଟି କରି ଦେଇଥିଲେ ସେ ସମୟରେ ଆଚାର୍ଯ୍ୟ ଶାନ୍ତିସେନାମାନ ସଂଗଠନ କରି ଶାନ୍ତି ସୌହାର୍ଦ୍ଦ୍ୟ ରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ଗଭୀର ଉଦ୍ୟମ ଚଳାଇଥିଲେ ।

ଶିକ୍ଷକତା କରୁଥିବା ସମୟରେ ବିନାୟକ ବାବୁ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ ତାଙ୍କର ରାଜନୈତିକ ଗୁରୁ ଥିଲେ ବିଖ୍ୟାତ ସାମ୍ୟବାଦୀ ଦାର୍ଶନିକ ବିଜୟ ଚନ୍ଦ୍ର ଦାସ ତାଙ୍କ ପ୍ରେରଣାରେ ଆଚାର୍ଯ୍ୟ ଅନେକ ବାମପନ୍ଥୀ ସାହିତ୍ୟ ଅଧ୍ୟୟନ କଲେ ଆନ୍ତର୍ଜାତିକ ରାଜନୀତିରେ ତାଙ୍କର ଗଭୀର ପ୍ରବେଶ ଥିଲା ଓ ନବ ସ୍ୱାଧିନ ଦେଶମାନଙ୍କର ପ୍ରଗତିଶୀଳ ନେତୃତ୍ୱ ପ୍ରତି ସେ ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ଆଫ୍ରିକାର ବିପ୍ଲବୀ ନେତା ପାଟିସ ଲୁମ୍ୱମ୍ବଙ୍କ ହତ୍ୟାରେ ଅତିମାତ୍ରରେ ଭାବପ୍ରବଣ ହୋଇ ସେ ଦୁଇଦିନ ଉପବାସ ପାଳନ କରିଥିଲେ ବହୁ ସମୟରେ ତାଙ୍କର ସହକର୍ମୀଗଣ ସଦାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ପଣ୍ଡା, ମନମୋହନ ମିଶ୍ର, ଚିନ୍ତାମଣି ପାଣିଗ୍ରାହୀ, ବୈଷ୍ଣବ ଚରଣ ପଟ୍ଟନାୟକ, ବୈଦ୍ୟନାଥ ରଥ, ମୋହନ ଦାସ, ହରିହର ଦାସ, ଶଶିଭୂଷଣ ପତି ପ୍ରମୁଖଙ୍କ ସହ ସାମ୍ୟବାଦୀ ତ ୍ୱ ସମ୍ପର୍କରେ ସେ ଆଲୋଚନା କରୁଥିଲେ ସେହି ସମୟରେ ସେ କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର ନୂଆ। ଦୁନିଆରେ ଅଗ୍ରଦେବ ଛଦ୍ମନାମରେ ଅନେକ ରାଜନୈତିକ ଲେଖା ପ୍ରକାଶ କରିଥିଲେ (ପ୍ରଜାତନ୍ତ୍ର, ୧୮, ଡିସେମ୍ବର, ୧୯୮୩ରେ ପ୍ରକାଶିତ କୈଳାସ ଆଚାର୍ଯ୍ୟଙ୍କ ଆଲୋଚନା ଦ୍ରଷ୍ଟବ୍ୟ) ସାମ୍ୟବାଦରେ ବିଶ୍ୱାସ କରୁଥିବାରୁ ସେ ଶ୍ରମିକ ଆନ୍ଦୋଳନ ସହିତ ମଧ୍ୟ ଜଡିତ ଥିଲେ ନବୋତ୍କଳ ସେବାସଂଘ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ବିଜୟ ଚନ୍ଦ୍ର ଦାସ ଏବଂ ସାମ୍ୟବାଦୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରେରଣା ଓ ଉପଦେଶରେ ବିନାୟକ ମାଷ୍ଟ୍ରେ ସମାଜବାଦୀ ଚିନ୍ତାଧାରାକୁ ଅଗ୍ରାଧିକାର ଦେଇଥିଲେ। ସେ ମହାମାଗାନ୍ଧିଙ୍କ ଭିତରେ କାର୍ଲମାର୍କସଙ୍କୁ ଦେଖିଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ଗାନ୍ଧୀବାଦୀ କର୍ମୀ ଓ ସଂଗଠକ ହିସାବରେ କାର୍ଯ୍ୟ କରିଥିଲେ ଆଭାଦି ଠାରେ ଭାରତୀୟ ଜାତୀୟ କଂଗ୍ରେସ ସମାଜବାଦୀ ଢାଞ୍ଚା କାର୍ଯ୍ୟକ୍ରମ ପ୍ରଥାକୁ ଗ୍ରହଣ କରିବାରୁ ସେ ମଧ୍ୟ କଂଗ୍ରେସ ସହିତ ଅଧିକ ଘନିଷ୍ଠ ହୋଇଥିଲେ । ସେ ମାର୍କସବାଦ ଓ ଗାନ୍ଧିବାଦକୁ ଶିକ୍ଷକତା ସମୟରେ ସଠିକ ଭାବରେ ଗ୍ରହଣ କରିଥିଲେ ଏବଂ ଏକ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା କରି ନାନା ପ୍ରକାର ନିର୍ଯ୍ୟାତନାରେ ସଢୁଥିବା ତଥା ଶୋଷିତ ହେଉଥିବା ଦଳିତବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାରେ ସହାୟକ ହେବା ପାଇଁ ସାହସର ସହିତ ଚେଷ୍ଟା କରିଥିଲେ । ଆଚାର୍ଯ୍ୟ ବିନୋବା ଭାବେଙ୍କର ଭୂଦାନ ଯଜ୍ଞ ସହିତ ସେ ସକ୍ରିୟ ଭାବେ ସଂଶ୍ଳିଷ୍ଟ ଥିଲେ ଏବଂ ସମଗ୍ର ଗଞ୍ଜାମ ଜିଲ୍ଲାରେ ଏହି ଯଜ୍ଞର ପ୍ରଚାର ଓ ପ୍ରସାର କରାଇଥିଲେ ଏହିସବୁ କାର୍ଯ୍ୟକ୍ରମର ମୂଳକେନ୍ଦ୍ର ଥିଲା ମୁନିସପାଲ ସ୍କୁଲ ଯେଉଁଠାରୁ ତାଙ୍କର ଚିନ୍ତାଧାରା ସାକାର ରୂପ ନେଇ ବର୍ହିଜଗତକୁ ଆସିଥିଲା ।

ବିଏ ଏବଂ ଡିଇଡି ପାସ କରିବା ପରେ ବିନାୟକ ଆଚାର୍ଯ୍ୟ ଓଡିଆ। ସାହିତ୍ୟ ଜଗତରେ ପାଦ ଦେଇ ଗଳ୍ପ ଓ ପ୍ରବନ୍ଧ ତଥା ରମ୍ୟ ପତ୍ର ଲେଖାରେ ମନ ନିବେଶ କରିଥିବା ସମ୍ବାଦ ୧୯୪୦ ଦଶକରେ ପ୍ରକାଶିତ ବ୍ରହ୍ମପୁରର ସାପ୍ତାହିକ ସାହିତ୍ୟ ଓ ସମ୍ବାଦପତ୍ର ନବୀନରେ ସ୍ଥାନ ପାଇଛି ।୧୯୪୦ ରୁ ୧୯୪୪ ମଧ୍ୟରେ ନବୀନରେ ବିନାୟକ ଅନେକ ଲେଖା ପ୍ରକାଶ କରିଥିଲେ ସେସବୁ ମଧ୍ୟରେ କେତେକ ଗଳ୍ପ ଓ କେତେକ ପ୍ରବନ୍ଧ ଅବିସ୍ମରଣୀୟ ସେ ନବୀନରେ ଲେଖିଥିବା ରମ୍ୟ ପତ୍ରମାନଙ୍କରେ ତାଙ୍କର ପ୍ରଗତିଶୀଳ ଭାବଧାରା ଏପରିକି ଯୁବକ ଆନ୍ଦୋଳନ ପ୍ରସଂଗ ଏକାନ୍ତ ସ୍ମରଣୀୟ ୧୯୪୦ ମସିହା ନଭେମ୍ବର ୧୯ର ନବୀନରେ ଆଚାର୍ଯ୍ୟ ଶେଷ ଦେଖା ଶୀର୍ଷକ ରମ୍ୟ ପତ୍ରରେ ଦେଶରେ ଯୁବକ ଆନ୍ଦୋଳନ ଏବଂ ଦେଶର ଯୁବଶକ୍ତିକୁ ଜଗାଇବା ପାଇଁ ପ୍ରତି ପଲ୍ଲିରେ ଯୁବକ ସଂଘର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ ନବୀନ ସାହିତ୍ୟ ପରିଷଦର ଦ୍ୱିତୀୟ ବୈଠକରେ ପଠିତ ସଭ୍ୟତା ନା ବର୍ବରତା ଶୀର୍ଷକ ଆଲୋଚନା ନବୀନରେ ୧୩ ଜୁଲାଇ ୧୯୪୩ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ସେଥିରେ ସେ ଆଲୋଚନା ପ୍ରସଂଗରେ ଲେଖିଥିଲେ-"ମନୁଷ୍ୟ ପରମେଶ୍ୱରଙ୍କର ଶ୍ରେଷ୍ଠ ସନ୍ତାନ ଅନ୍ୟାନ୍ୟ ପଶୁମାନଙ୍କଠାରେ ଯାହା ନାହିଁ ତାଠାରେ ତାହା ଅଛି ସେ ବିଚାର କରି ସ୍ଥିର କରିପାରେ କେଉଁଟା ଗ୍ରହଣୀୟ ଓ କେଉଁଟା ବର୍ଜ୍ଜନୀୟ ଏହାସ ୍ୱ ଆଜି ଯେପରି ସେ ମାନବିକତାକୁ ଭୁଲିଯାଇ ପାଶବିକତାର ଆଶ୍ରୟ ନେଇଛି, ତାହା ଭାବିଲେ ଗଭୀର ଦୁଃଖରେ ଅଭିଭୂତ ହେବାକୁ ପଡେ ଦୁଇଟି କୁକୁର ଯେପରି ମାଂସଖଣ୍ଡକ ପାଇଁ କାମୁଡାକାମୁଡି ଲାଗନ୍ତି, ଠିକ ସେହିପରି ନହେଲେ ମଧ୍ୟ କେତେକାଂଶରେ ଏହିପରି ଆଜି ଦେଶ ଦେଶ ମଧ୍ୟରେ ଜାତି ଜାତି ମଧ୍ୟରେ ପୁଣି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ସ୍ୱାର୍ଥ ନେଇ କଳିଗୋଳ ଲଗିଛି ଆଜିକାର ସଭ୍ୟତାର ମାପକାଠି ହୋଇଛି ବର୍ବରାଚରଣ"ଅନ୍ୟତ୍ର ସେ ମଧ୍ୟ ଲେଖିଛନ୍ତି-"ସେହି ସମୟ ଆସି ଯାଇଛି ଯେବେ କି ପ୍ରତ୍ୟେକ ଜାତି ନିଜ ନିଜର ହୃଦୟ ଖୋଜିବା ଦରକାର ପ୍ରକୃତ ଶାନ୍ତି ସେତେବେଳେ ଆସିବ ଯେତେବେଳେ ଶୋଷଣଗତ, ବର୍ଣ୍ଣଗତ ଓ ଜାତିଗତ ଭେଦଭାବ ଭୂପୃଷ୍ଠରୁ ଚିର ବିଦାୟ ନେବ ଓ ଆନ୍ତରିକତା ବିଶ୍ୱାସ ଓ ସରଳତାର ଭିତ୍ତିରେ ବିଶ୍ୱରାଷ୍ଟ୍ର ସଂଘ ଗଠନ କରାଯିବ କିନ୍ତୁ ଯେତେଦିନ ଯାଏ ପବିତ୍ର ରାଜନୀତି କ୍ଷେତ୍ରରେ ସ୍ୱାର୍ଥର ତାଣ୍ଡବ ଲୀଳା ଲାଗିଥିବ ସେତେଦିନ ଯାଏ ଜଗତକୁ ଶାନ୍ତି ଆସିବ ନାହିଁ ।

ନବୀନର ୩ ଜୁଲାଇ ୧୯୪୫ ସଂଖ୍ୟାରେ ପ୍ରକାଶିତ ଆମ ଶିକ୍ଷା କ୍ଷେତ୍ରରେ ଉତ୍ତମ ଆଦର୍ଶର ଅଭାବ ଶୀର୍ଷକ ବିନାୟକ ଆଚାର୍ଯ୍ୟଙ୍କର ଆଲୋଚନା ଶିକ୍ଷା ଦିଗରେ ଏକ ଉତ୍କୃଷ୍ଟ ପ୍ରସଂଗ ତାଙ୍କ ମତରେ- "ଭାରତୀୟ ଶିକ୍ଷା କ୍ଷେତ୍ରରେ ଯେଉଁସବୁ ଅଭାବ ପରିଲକ୍ଷିତ ହୁଏ ତା ମଧ୍ୟରେ ଉତ୍ତମ ଆଦର୍ଶର ଅଭାବ ସର୍ବପ୍ରଥମ ପ୍ରତ୍ୟେକ ମାନବର କିଛି ନା କିଛି ଆଦର୍ଶ ରହିବା ଉଚିତ ଯାହାକୁ ଲକ୍ଷ୍ୟକରି ସେ ଜୀବନ ନିର୍ବାହ କରିବ ଏହି ଆଦର୍ଶର ଅଭାବରେ ଜୀବନଟା କିପରି ଗୋଟିଏ ଲକ୍ଷ୍ୟହୀନ ଖାମଖିଆଲିଆ ହୋଇପଡେ । ତେବେ କିପରି ଆଦର୍ଶ ଆମ୍ଭେମାନେ ଆମ ସମ୍ମୁଖରେ ରଖି ଜୀବନ ସଂଗ୍ରାମରେ ବ୍ରତୀ ହେବା ତାହା ସତ ଶିକ୍ଷା କେବଳ ଆମକୁ ଯୋଗାଇ ଦେଇପାରେ ତେଣୁ ଶିକ୍ଷାକ୍ଷେତ୍ରରେ ଉତ୍ତମ ଆଦର୍ଶ ଥିବା ଏକାନ୍ତ ବାଂଛନୀୟ"ଆଲେଚନାରେ ସେ ଛାତ୍ର ତଥା ଶିକ୍ଷକ ଉଭୟଙ୍କ ଉପରେ ନଜର ଦେଇ ଚର୍ଚ୍ଚା କରିଥିଲେ ସେ ସ୍ପଷ୍ଟ ଭାବରେ ଲେଖିଥିଲେ-"ଅଳ୍ପ କେତେକଙ୍କୁ ବାଦ ଦେଲେ ଶିକ୍ଷାକ୍ଷେତ୍ରରେ ପ୍ରକୃତ ଶିକ୍ଷକ ଦେଖିବାକୁ ମିଳନ୍ତି ନାହିଁ ସ୍ୱାର୍ଥତ୍ୟାଗୀ, ଦେଶହିତାକାଂକ୍ଷୀ ଶିକ୍ଷକଙ୍କ ସଂଖ୍ୟା ଅତି କମ ଶହେ କେ ଜଣେ ଦୁଇ ଜଣ ଥିବେ କି ନାହିଁ ସନ୍ଦେହର କଥା ଶିକ୍ଷକର ଶିକ୍ଷକତା ଯଦି ଗୋଟିଏ ଉପଫଳ ହୋଇପଡେ, ତେବେ ସେହିଭଳିଆ। ଶିକ୍ଷକର କୌଣସି ଆବଶ୍ୟକତା ନାହିଁ । ଆନ୍ତରିକତା, ନିଃସ୍ୱାର୍ଥପରତା ଓ ସରଳତାର ଅଭାବରୁ ଆଜି ଶିକ୍ଷାକ୍ଷେତ୍ରରେ ଭଣ୍ଡାମୀ ପ୍ରବେଶ କରିଛି ଅନେକ ସ୍ଥଳରେ ଶିକ୍ଷକ ଭାବନ୍ତି ଯେ ପାଠ୍ୟ ବହିଗୁଡାକ ଯେ କୌଣସି ମତେ ପଢାଇ ଦେଲେ ତାହାଙ୍କର ଅନ୍ୟ କୌଣସି ସମ୍ପର୍କ ନାହିଁ କିନ୍ତୁ ଏହା ଯେ କି ପ୍ରକାଣ୍ଡ ଭୁଲ ତାହା ସମସ୍ତେ ଉପଲବଧି କରିପାରୁଥିବେ ମନୁଷ୍ୟ ଜୀବନଟାରେ କିଛି ନା କିଛି ଶିକ୍ଷା କରେ ଏହି ବାହ୍ୟ ଶିକ୍ଷା ଛାତ୍ରମାନେ ଯେପରି ପାଇବେ ଶିକ୍ଷକ ଦେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ ତେଣୁ ପୁରାକାଳର ସେହି ଆଶ୍ରମ ଶିକ୍ଷା ଆଜି କାଲି ମଧ୍ୟ ଶିକ୍ଷିତ ସମାଜର ଦୃଷ୍ଟକୋଣରୁ ଅପସାରିତ ହୋଇନାହିଁ ଛାତ୍ରର ସର୍ବାଙ୍ଗୀନ ଉନ୍ନତି କରିବା ଶିକ୍ଷକର କର୍ତ୍ତବ୍ୟ କିନ୍ତୁ ଏହି କର୍ତ୍ତବ୍ୟକୁ ଆଜି ଯେ କବର ଦିଆ। ଯାଇଛି। ଏହା କହିବା ବାହୁଲ୍ୟ ମାତ୍ର ଜାତି ଗଠନରେ ଶିକ୍ଷକ ପ୍ରଧାନ ଭାଗ ନିଏ କିନ୍ତୁ ଆଜିକାଲିର ଶିକ୍ଷକଙ୍କଠାରୁ କି ଜାତି ଗଠନ କାମ ଆଶା କରାଯାଇପାରେ ୧୯୪୫ ମସିହାର ଏହି ମତ ଓ ମନ୍ତବ୍ୟ ଆଜି ମଧ୍ୟ ପ୍ରାସଂଗିକତା ହରାଇନାହିଁ। ଶିକ୍ଷାକ୍ଷେତ୍ରରେ ଉତ୍ତମ ଆଦର୍ଶର ଅଭାବ ବିନାୟକ ଆଚାର୍ଯ୍ୟଙ୍କର ଶିକ୍ଷା ସମ୍ପର୍କିତ ଆନ୍ଦୋଳନର ଏକ ପ୍ରମୁଖ ପ୍ରସଂଗ ଥିଲା ସେ କେତେ ଖଣ୍ଡ ପୁସ୍ତକର ସାହାଯ୍ୟରେ କୃତ୍ରିମ ଜ୍ଞାନକୁ ସମାଲୋଚନା କରିଥିଲେ ବାହ୍ୟ ଜ୍ଞାନର ଆବଶ୍ୟକତାକୁ ସେ ସର୍ବଦା ଗୁରୁତ୍ୱ ଦେଇଥିଲେ। ପାଠ୍ୟପୁସ୍ତକ ଲବଧ ଶୂନ୍ୟଗର୍ଭ ଉପାଧିମାଳା ଜୀବନରେ ଅସଲ ଜ୍ଞାନ ଉପରେ କଳା ପରଦା ଟାଣିଦିଏ ବୋଲି ସେ ଦୃଢ ମତ ପୋଷଣ କରିଥିଲେ ପ୍ରବନ୍ଧଗୁଡିକ ପରି ତାଙ୍କର ଏକାଧିକ ଗଳ୍ପରେ ସମାଜ ସଂସ୍କାର ପ୍ରସଂଗ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

୧୯୫୦ ଦଶକରେ ଶିକ୍ଷକ ବିନାୟକ ପ୍ରତ୍ୟେକ୍ଷ ରାଜନୀତିରେ ଯୋଗ ଦେଇଥିଲେ ୧୯୫୨ ମସିହାରେ ସାମ୍ୟବାଦର ଚିନ୍ତାଧାରାର ସାରଥି ଭାବରେ ଗଞ୍ଜାମର ନେତୃତ୍ୱ ନେଇଥିଲେ ସ୍ୱର୍ଗତଃ ବିଜୟ ଚନ୍ଦ୍ର ଦାସ ସେଥିରେ ଶଶିଭୂଷଣ ପତି, ରାମକୃଷ୍ଣ ବେହେରା ଓ ବ୍ରହ୍ମାନନ୍ଦ ପଣ୍ଡାଙ୍କ ପରି ବିନାୟକ ଆଚାର୍ଯ୍ୟ ଅଂଶ ଗ୍ରହଣ କରିଥିଲେ ଭାରତରେ ସ୍ୱାଧିନତା ପରବର୍ତ୍ତୀ କାଳରେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏହି ନିର୍ବାଚନରେ ଓଡିଶା ବିଧାନ ସଭା ନିମନ୍ତେ ଗଞ୍ଜାମ ଜିଲ୍ଲାକୁ ୧୨ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଥିଲା। ତନ୍ମଧ୍ୟରୁ ୩ଗୋଟି ନିର୍ବାଚନ ମଣ୍ଡଳୀ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରୂପେ ସ୍ଥିର ହୋଇଥିଲା ବ୍ରହ୍ମପୁର ସେଥି ମଧ୍ୟରୁ ଅନ୍ୟତମ କିନ୍ତୁ ନିର୍ବାଚନ ପରେ ମକଦ୍ଦମା ହୋଇ (କ୍ରମଶଃ)



# ଟଙ୍କା ବାଣ୍ଟି ଜିତୁଛନ୍ତି ନିର୍ବାଚନ

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଲୋକସଭାରେ ଏସଆଇଆର ଉପରେ ଲୋକସଭାରେ ମହାବିତର୍କ ହୋଇଛି । ଭୋଟର ତାଲିକାର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ଚର୍ଚ୍ଚାରେ କମ୍ପୁଛି ଗୃହ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସ୍ଥାନରେ କଂଗ୍ରେସ ସାଂସଦ ମନୀଶ ତିୱାରୀ ବତର୍କ ଆରମ୍ଭ କରିଛନ୍ତି । ସେ କହିଛନ୍ତି, ପ୍ରଥମ ସଂସ୍କାର ଯାହା ହେବା ଉଚିତ ତାହା ହେଉଛି ନିର୍ବାଚନ କମିଶନର ସଦସ୍ୟଙ୍କ ଚୟନକୁ ନିୟନ୍ତ୍ରଣ କରୁଥିବା ଆଇନରେ ସଂଶୋଧନ ।



ମୋର ପରାମର୍ଶ ଯେ LoP ଲୋକସଭା ଏବଂ ଭାରତର ମୁଖ୍ୟ ବିଚାରପତିଙ୍କୁ ନିର୍ବାଚନ କମିଶନର କମିଟିରେ ଯୋଡାଯିବା ଉଚିତ୍ । ସାଂସଦ ମନୀଶ ତିୱାରୀ ବିତର୍କରେ କହିଛନ୍ତି,'' ବର୍ତ୍ତମାନ ଦେଶର ଅନେକ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି । କିନ୍ତୁ ଦେଶର ନିର୍ବାଚନ କମିଶନ ପାଖରେ SIR କରିବାକୁ କୌଣସି ଆଇନଗତ ଯଥାର୍ଥତା ନାହିଁ । ମୁଁ କହୁନାହିଁ ଯେ, EVMରେ ହେରଫେର ହେଉଛି, କିନ୍ତୁ ଜନସାଧାରଣ ଚିନ୍ତିତ ଯେ EVMରେ ହେରଫେର ହୋଇପାରେ । ଆଜି ପର୍ଯ୍ୟନ୍ତ, ମୁଁ ମୋର ପ୍ରଶ୍ନର ଉତ୍ତର ପାଇନାହିଁ - EVM ପାଇଁ ସୋର୍ସ କୋଡ୍ କାହା ପାଖରେ ଅଛି ? ମୁଁ ସରକାରଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ SIR କରିବା ପାଇଁ କାରଣ ଲିଖିତ ଭାବରେ ସଂସଦରେ ଉପସ୍ଥାପନ କରିବାକୁ ଦାବି କରୁଛି । ଲୋକତନ୍ତ୍ର ଏକ ଭରସାରେ ଚାଲେ ଏହା ଦୁର୍ଭାଗ୍ୟଜନକ ଯେ, ଏଠାରେ ଅନେକ ସଦସ୍ୟଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇବାକୁ ପଡୁଛି । ଯଦି ଇଭିଏମରେ ସବୁ ଠିକ୍ ଅଛି ତେବେ ଆଗାମୀ ନିର୍ବାଚନ ବାଲାଟ ପେପରରେ କର । ନିର୍ବାଚନ ଆଗରୁ ଟଙ୍କା ବଣ୍ଟା ଯାଉଛି । ନିର୍ବାଚନରେ ଟଙ୍କା ବାଣ୍ଟି ଜିତୁଛନ୍ତି ସରକାର । ସରକାରୀ ଟଙ୍କାର ଦୁରୁପଯୋଗ ହେଉଛି । କିଏ ୨୦ ହଜାର ତ କିଏ ୩୦ ହଜାର ଲୋକଙ୍କ ଖାତାକୁ ଟଙ୍କା ଟ୍ରାନ୍ସଫର କରିଦେଇ ନିର୍ବାଚନ ଜିତିଯାଉଛନ୍ତି । ଦେଶର ଋଣ ବଢି ବଢି ଚାଲିଛି । ଏମିତି ନିର୍ବାଚନ ଜିତିବା, ସରକାର ବନାଇବା କେତେ ଦୂର ଯଥାର୍ଥ । ସଂସଦରେ ଏସଆଇଆର ବିତର୍କରେ ମୁଦ୍ଦା ଉଠାଇ କହିଛନ୍ତି କଂଗ୍ରେସ ସାସଂଦ ମନୀଷ ତିୱାରୀ ସେହିପରି କଂଗ୍ରେସକୁ ସମର୍ଥନ କରି ନିର୍ବାଚନ କମିଶନ ପକ୍ଷପାତିତା କରୁଥିବା କହିଛନ୍ତି ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ । ସେ କହିଛନ୍ତି, ଇଲେକ୍ଟ୍ରୋନିକ୍ ଉପକରଣ ବ୍ୟବହାର ଉପରେ ଅନେକ ପ୍ରଶ୍ନ ଉଠାଯାଉଛି, ତେଣୁ ବାଲଟ୍ ପେପର ବ୍ୟବହାର କରି ନିର୍ବାଚନ କରାଯିବା ଉଚିତ ।୧୯୪୭ରୁ ଭୋଟ୍ ଚୋରି ହେଉଛି'- ଲୋକସଭାରେ ଏସ୍ଆଇଆଇର ଚର୍ଚ୍ଚା ଉପରେ କଂଗ୍ରେସକୁ ଟାର୍ଗେଟ କରିଛି ବିଜେପି । ବିଜେପି ସାଂସଦ ସଞ୍ଜୟ ଜୟସ୍ୱାଲ କହିଛନ୍ତି, ଯଦି କଂଗ୍ରେସ 'ଭୋଟ୍ ଚୋରି'କୁ ବୁଝିବାକୁ ଚାହୁଁଛି, ତେବେ ତାଙ୍କୁ ଜାଣିବାକୁ ପଡିବ ଯେ, ପ୍ରଥମ ଥର ପାଇଁ 'ଭୋଟ୍ ଚୋରି' ୧୯୪୭ ମସିହାରେ ଘଟିଥିଲା ଯେତେବେଳେ ସମଗ୍ର କଂଗ୍ରେସ କାର୍ଯ୍ୟ କମିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସହିତ ଠିଆ ହୋଇଥିଲା, କିନ୍ତୁ ଜବାହରଲାଲ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ କରାଯାଇଥିଲା । ଭୋଟ ଚୋରିର ଏହାଠାରୁ ବଡ଼ ଉଦାହରଣ ଆଉ କିଛି ନାହିଁ ।

## ପୁଡୁଚେରୀରେ ବିଜୟଙ୍କ ରାଲି

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** କରୁର ଦଳାଚକଟା ଘଟଣା ପରେ ପ୍ରଥମ ଥର ଲାଗି ଅଭିନେତା ବିଜୟଙ୍କ ପୁଣି ମେଗାରାଲି। ପୁଡୁଚେରୀରେ ହୋଇଥିବା ସମାବେଶରେ ସାମିଲ ହୋଇଛନ୍ତି ସହସ୍ରାଧିକ କର୍ମୀ । କରୁର ପରି ଘଟଣା ନଘଟିବା ଲାଗି ସଭାସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଯାଞ୍ଚ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇଛି । ସେପଟେ ରାଲି ଭିତରକୁ ଜଣେ ବନ୍ଧୁକଧାରୀ ପ୍ରବେଶ କରିବା ବେଳେ ତାକୁ ସୁରକ୍ଷା କର୍ମୀ ଅଟକ ରଖିଥିବା ସୂଚନା ମିଳିଛି । କରୁର ଦଳାଚକଟାରେ ୪୧ ଜଣଙ୍କ ମୃତ୍ୟୁ ଘଟିବା ପରେ କିଛି ମାସ ଲାଗି ଟିଭିକେ ରାଲି କରି ନଥିଲା । ସଭାସ୍ଥଳୀରେ ବିଜୟ ପହଞ୍ଚିବା ପରେ ସମର୍ଥକମାନେ ବ୍ୟାରିକେଡ ଉପରେ ଚଢ଼ି ତାଙ୍କ ନିକଟକୁ ଦୌଡ଼ିଯିବା ଦେଖାଯାଉଥିଲା । ସମାବେଶ ପୂର୍ବରୁ ପୁଡୁଚେରୀ ପୋଲିସ ସବିଶେଷ ଆଡଭାଇଜରୀ ଜାରି କରିଥିଲା । ପୋଲିସ ଓ ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା । ପଡୋଶୀ ତାମିଲନାଡୁରୁ ଯେପରି ସମର୍ଥକମାନେ ରାଲିକୁ ଯାଇପାରିବେ ନାହିଁ ସେଥିପ୍ରତି ଦୃଷ୍ଟି ଦେଇଥିଲା ପୋଲିସ । ସଭାସ୍ଥଳୀକୁ ଯିବା ବାଲି କ୍ୟୁଆର କୋଡ ବି ବ୍ୟବହାର ହୋଇଥିଲା । ପାର୍କିଂ ସ୍ଥଳ ପ୍ରତି ଧ୍ୟାନ ଦିଆଯାଇଥିଲା । ପୂର୍ବରୁ ରୋଡସୋ ଲାଗି ବିଜୟ ଅନୁମତି ମାଗିଥିଲେ ବି ପ୍ରଥମ ତାହାକୁ ଦିଆଯାଇ ନଥିଲା ।ମାତ୍ର ପରେ ୫ ହଜାର ଲୋକଙ୍କ ଲାଗି ପୋଲିସ ଅନୁମତି ଦେଇଥିଲା ।

# 'ରୁଷକୁ ଦେବୁନି ଗୋଟେ ଇଞ୍ଚ ଜମି'

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ନିକଟରୀ ଲଣ୍ଡନରେ ନାଟୋ ଏବଂ ୟୁରୋପୀୟ ସଂଘ (EU)ର ପ୍ରମୁଖ ନେତାମାନଙ୍କୁ ଭେଟିଛନ୍ତି । ଏହି ଉଚ୍ଚସ୍ତରୀୟ ବୈଠକ ପରେ, ଜେଲେନସ୍କି ରୁଷକୁ ଏକ ସ୍ପଷ୍ଟ ଏବଂ ଦୃଢ଼ ବାର୍ତ୍ତା ଦେଇଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି, ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ କୌଣସି ମୂଲ୍ୟରେ ରୁଷକୁ ଏହାର ଏକ ଇଞ୍ଚ ମଧ୍ୟ ଛାଡିବ ନାହିଁ । ଜେଲେନସ୍କିଙ୍କ ଆଭିମୁଖ୍ୟ ଆମେରିକାର ଶାନ୍ତି ଯୋଜନାକୁ ଏକ ପ୍ରକାର ଝଟକା ଦେଇଛି ।



ୟୁକ୍ରେନ-ରୁଷ ଯୁଦ୍ଧ ସମାପ୍ତ କରିବା ପାଇଁ କୂଟନୈତିକ ପ୍ରୟାସ ମଧ୍ୟରେ, ରାଷ୍ଟ୍ରପତି ଜେଲେନସ୍କି ବିଶ୍ୱ ନେତାମାନଙ୍କ ସହିତ ବାରମ୍ବାର ସାକ୍ଷାତ କରୁଛନ୍ତି । ନିକଟରେ ସେ ଲଣ୍ଡନରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କିମ ଷ୍ଟାରମର, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏବଂ ଜର୍ମାନ ଚାନ୍ସେଲର ଫ୍ରେଡ୍ରିଚ୍ ମର୍ଜଙ୍କ ସହିତ ସାକ୍ଷାତ କରିଛନ୍ତି । ଏହି ବୈଠକ ପୂର୍ବରୁ ଜେଲେନସ୍କି ବ୍ରୁସେଲ ଯାଇ ନାଟୋ ଓ ଇୟୁ ନେତାଙ୍କ ଆଗରେ ୟୁକ୍ରେନର ପକ୍ଷ ରଖିଛନ୍ତି । ଏହି ସାକ୍ଷାତର ଉଦ୍ଦେଶ୍ୟ ଯୁଦ୍ଧ ଶେଷ କରିବା ପାଇଁ ୟୁକ୍ରେନର ସ୍ଥିତି ମଜବୁତ କରିବା ଥିଲା । ବିଶେଷ ଭାବରେ ଏଭଳି ସମୟରେ ଯେତେବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଯୁଦ୍ଧ ରୋକିବାର ଚେଷ୍ଟା କରୁଛନ୍ତି, କିନ୍ତୁ କେଣସି କଡ଼ା ପଦକ୍ଷେପ ଗ୍ରହଣ କରିପାରି ନାହାଁନ୍ତି । ଲଣ୍ଡନରେ ଏକ ସାମ୍ବାଦିକ ସମ୍ମିଳନୀରେ ଜଲେନସ୍କି କଡା ବାର୍ତ୍ତା ଦେଇ ଆମେରିକା ଶାନ୍ତି ଯୋଜନାରେ ପ୍ରସ୍ତାବିତ କିଛି ୟୁକ୍ରେନୀୟ ଅଞ୍ଚଳକୁ ରୁଷକୁ ଛାଡିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି । ସେ କହିଛନ୍ତି, ରୁଷ ଆମକୁ ଏହି ଅଞ୍ଚଳକୁ ଛାଡିବାର ଦାବି କରୁଛି, କିନ୍ତୁ ଆମେ କୌଣସି ଜମି ଛାଡିବୁନି । ଏବେ ଏହି ଘୋଷଣା ସବୁ ଚର୍ଚ୍ଚା ଉପରେ ବିରାମ ଲାଗିଛି । ଯେଉଁଥିରେ ଯୁଦ୍ଧ ବନ୍ଦ କରି ଶାନ୍ତି ବଜାୟ ରଖିବା ପାଇଁ କୁହାଯାଇଥିଲା । ଜେଲେନସ୍କି ସ୍ପଷ୍ଟ କରିଛନ୍ତି, ଆଞ୍ଚଳିକ ବିବାଦରେ ଜଟିଳତା ରହିଛି ଓ ଏଥିପାଇଁ ଏପର୍ଯ୍ୟନ୍ତ କୌଣସି ଚୁକ୍ତି ହୋଇନାହିଁ ।

## ଅନିଲ ଅମ୍ବାନିଙ୍କ ପୁଅ ଜୟ ଅନମୋଲଙ୍କ ବିରୋଧରେ ଏଫ୍ଆଇଆର

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ଅଡୁଆ କମିବାର ନାଁ ଧରୁନି । ଦୀର୍ଘ ସମୟ ଧରି ତାଙ୍କ ନେତୃତ୍ୱରେ ରିଲାୟନ୍ସ ଗ୍ରୁପ୍ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ରାଡାରରେ ରହିଛି । ଚଢାଉ, ସମ୍ପତ୍ତି ଜବତ ହେବାର ଲଗାତାର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଏବେ ସିବିଆଇ ତାଙ୍କ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ସହିତ ଅନ୍ୟମାନଙ୍କ ବିରୋଧରେ କ୍ରିମିନାଲ କେସ୍ ଫାଇଲ୍ କରିଛି ।କେନ୍ଦ୍ରୀୟ ଏଜେନ୍ସି ଏକ ଲିଖିତ ଅଭିଯୋଗ ଆଧାରରେ ଯାଞ୍ଚ କରିବା ପରେ ଏହି କେସ୍ ଫାଇଲ କରିଛି । ସିବିଆଇ ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲ ବିରୋଧରେ ମନି ଲଣ୍ଡରିଂ କେସ୍ ରୁଜୁ କରିଛି । ଏହାଛଡା ରିଲାୟନ୍ସ ହାଉସିଂ



ଫାଇନାନ୍ସ ଲିମିଟେଡ୍ର ପୂର୍ବତନ ସିଇଓ ରବିନ୍ଦ୍ର ସୁଧାଲକର ଓ ସେତେବେଳର ହୋଲ୍ ଟାଇମ୍ ଡାଇରେକ୍ଟରଙ୍କ ବିରୋଧରେ କ୍ରିମିନାଲ କେସ୍ ଫାଇଲ କରିଥିଲା । ଏଭଳି ପ୍ରଥମ ଥର ଯେତେବେଳେ ଅନିଲ ଅମ୍ବାନୀଙ୍କ ପୁଅ ଉପରେ ମାମଲା ରୁଜୁ କରାଯାଛି । ଏହି ପୁରା କାର୍ଯ୍ୟାନୁଷ୍ଠାନ ୨୨୮.୦୬ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଫ୍ରଡ୍ କେସରେ କରାଯାଇଛି । ଉଲ୍ଲେଖନୀୟ ଯେ, ସିବିଆଇ ଏକ ଲିଖିତ ଅଭିଯୋଗ ଦେଇଥିଲା । ଯେଉଁଥିରେ ଅଭିଯୋଗ କରିଥିଲା ଜୟ ଅନମୋଲ ଅନିଲ ଅମ୍ବାନୀ, ରବିନ୍ଦ୍ର ସୁଧାଲକର ଓ ଅନ୍ୟ ଅଜଣା ଲୋକ, ଅଜ୍ଞାତ ସରକାରୀ କର୍ମଚାରୀ ଠକେଇ ଓ କ୍ରିମିନାଲ ଷଡଯନ୍ତ୍ର ଅନୁସାରେ ଟଙ୍କା ହେରଫେର କରାଯାଇଛି ।

### ଗୁଳିକାଣ୍ଡ ପରେ ଟ୍ରମ୍ପ ଭୟଭୀତ !

# ଏକାଥରକେ ୮୫ ହଜାର ଭିସା କଲେ ରଦ୍ଦ

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଆମେରିକାର ରାଜଧାନୀ ୱାଶିଂଟନ ଡିସିରେ ଗୁଳିକାଣ୍ଡ ପରେ, ଟ୍ରମ୍ପ ପ୍ରଶାସନ ଚଳିତ ବର୍ଷ ପ୍ରାୟ ୮୫ ହଜାର ଭିସା ବାତିଲ କରିଛି । ଏହାର କାରଣ ହେଉଛି ଜାତୀୟ ସୁରକ୍ଷା । ଷ୍ଟେଟ୍ ଡିପାର୍ଟମେଣ୍ଟର ଜଣେ ବରିଷ୍ଠ ଅଧିକାରୀ କହିବା ଅନୁସାରେ, ଏତେ ସଂଖ୍ୟକ ଭିସା ବାତିଲ କରିବାର ଉଦ୍ଦେଶ୍ୟ ଆମେରିକୀୟ ସମ୍ପ୍ରଦାୟ ଏବଂ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବା । ଟ୍ରମ୍ପ ସରକାର ଏହି ପଦକ୍ଷେପ ଭାରତୀୟ ବୃତ୍ତିଗତ ଏବଂ ଛାତ୍ରମାନଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ଯେଉଁମାନଙ୍କର ଭିସା ବାତିଲ କରାଯାଇଛି ସେମାନଙ୍କ ମଧ୍ୟରେ ୮୦୦୦ ରୁ ଅଧିକ ଛାତ୍ର ମଧ୍ୟ ଅନ୍ତର୍ଭୁକ୍ତ, ଯାହା ଗତ ବର୍ଷ ତୁଳନାରେ ଦୁଇଗୁଣ ଅଧିକ । ଜଣେ ଅଧିକାରୀ କହିଛନ୍ତି,ଏହି ଭିସା ଏଭଳି ବିଦେଶୀଙ୍କ ରହିଛି, ଯେଉଁମାନେ ଚୋରି, ଆକ୍ରମଣ କିମ୍ବା ଅନ୍ୟାନ୍ୟ ଅପରାଧରେ ସମ୍ପୃକ୍ତ ଅଛନ୍ତି । ଏପରି ଲୋକଙ୍କୁ ଆମେରିକୀୟ ସୁରକ୍ଷା ପାଇଁ ବିପଦ ବୋଲି ବିବେଚନା କରାଯାଏ, ତେଣୁ ସେମାନଙ୍କର ଭିସା ବାତିଲ କରାଯାଇଛି । ଟ୍ରମ୍ପ ପ୍ରଶାସନ ବିଶେଷକରି ଅଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ଭିସା ଯାଞ୍ଚକୁ କଡ଼ାକଡ଼ି କରିଛି । ଆଫଗାନିସ୍ତାନ ସମ୍ପର୍କରେ ଅଧିକାରୀ କହିଛନ୍ତି, ଆଫଗାନିସ୍ତାନରୁ ଆମେରିକାର ସୈନ୍ୟ ପ୍ରତ୍ୟାହାର ପରେ ସୁରକ୍ଷା ଚିନ୍ତା ବୃଦ୍ଧି ପାଇଛି । ତେଣୁ, ଭିସା ଆବେଦନକାରୀମାନେ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ନ କରନ୍ତି ତାହା ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ। ଭିସା ଯାଞ୍ଚରେ କୌଣସି ତରବରିଆ ନିଷ୍ପତ୍ତି ନିଆଯିବନି। ଏହା ଯେତେ ଅଧିକ ସମୟ ନେବ, ଯାଞ୍ଚ ସେତେ ଅଧିକ ଭଲ ଭାବରେ ହେବ ହେବ। ଜଣେ ଆବେଦନକାରୀ ଆମେରିକା ପାଇଁ ବିପଦ ନୁହଁନ୍ତି ବୋଲି ସମ୍ପୂର୍ଣ୍ଣ ନିଶ୍ଚିତ ନହେଲେ ଭିସା ଜାରି କରାଯିବ ନାହିଁ । ଭିସା ପ୍ରତ୍ୟାଖ୍ୟାନର କାରଣ ବିଷୟରେ ପଚରାଯିବାରୁ, ଅଧିକାରୀ ଜଣକ କହିଥିଲେ ଯେ ଟ୍ରମ୍ପ ପ୍ରଶାସନର ନୂତନ ନୀତି ଅନୁଯାୟୀ ଭିସା ପ୍ରତ୍ୟାଖ୍ୟାନ ହୋଇପାରେ । ଏପରି ନିଷ୍ପତ୍ତି ଗୋଟିଏ କାରଣ ନୁହେଁ, ବହୁବିଧ କାରଣ ଉପରେ ଆଧାରିତ ।

## ଜାକର୍ତ୍ତାରେ ୭ମହଲା କୋଠାରେ ନିଆଁ ଲାଗି ୨୦ଜଣଙ୍କ ମୃତ୍ୟୁ

**ଜାକର୍ତ୍ତା,୯।୧୨(ଏଜେନ୍ସି):** ଗୋଆ ପରେ ଏବେ ଜାକର୍ତ୍ତାରେ ଘଟିଲା ବଡ଼ ଦୁର୍ଘଟଣା । ମଙ୍ଗଳବାର ଦିନ ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାରେ ଏକ ସାତ ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଅତି କମରେ ୨୦ଜଣଙ୍କର ମୃତ୍ୟୁ ହୋଇଥିବା ରଏଟର୍ସ ରିପୋର୍ଟ କରିଛି । ସୂଚନା ଅନୁଯାୟୀ, ଅଗ୍ନିଶମ କର୍ମଚାରୀମାନେ କିଛି ଘଣ୍ଟାର ଅପରେସନ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବାରୁ କାରଣ ଖୋଜିବାରେ ଲାଗିପଡ଼ିଛନ୍ତି କର୍ତ୍ତୃପକ୍ଷ । ସେଣ୍ଟ୍ରାଲ୍ ଜାକର୍ତ୍ତା ପୁଲିସର ମୁଖ୍ୟ ସୁସାତ୍ୟୋ ପୂର୍ନୋମୋ କଣ୍ଡ୍ରୋ କହିଛନ୍ତି ଯେ, ନିଆଁ ଲାଗିଛି ବୋଲି ଖବର ମିଳିବା ପରେ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା । ଏବେ ଅନେକ ଉଦ୍ୟମ ପରେ ନିଆଁ ଲିଭାଇ ଦିଆଯାଇଛି ଏବଂ କୋଠା ଭିତରେ ଫସି ରହିଥିବା ପୀଡିତଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି । ମଧ୍ୟାହ୍ନ ସମୟରେ କୋଠାର ପ୍ରଥମ ମହଲାରେ ନିଆଁ ଲାଗିଥିଲା ଏବଂ ତା'ପରେ ଉପର ମହଲାକୁ ନିଆଁ ବ୍ୟାପି ଯାଇଥିଲା । ସେହି ସମୟରେ କିଛି କର୍ମଚାରୀ କୋଠା ଭିତରେ ମଧ୍ୟାହ୍ନ ଭୋଜନ କରୁଥିଲେ ଏବଂ ଅନ୍ୟମାନେ ଅଫିସ୍ ଛାଡି ଚାଲିଯାଇଥିଲେ । ଏବେ, ଆମେ ପୀଡିତମାନଙ୍କୁ ସୁରକ୍ଷିତ ବାହାରକୁ ଆଣିବା ଏବଂ ଅଗ୍ନି ଶୀତଳୀକରଣ କରିବା ଉପରେ ଧ୍ୟାନ ଦେଉଛୁ । ଏହି କୋଠାଟି ଟେରା ଡ୍ରୋନ୍ ଇଣ୍ଡୋନେସିଆର କାର୍ଯ୍ୟାଳୟ, ଯାହା ଖଣି କ୍ଷେତ୍ରରୁ କୃଷି କ୍ଷେତ୍ର ପର୍ଯ୍ୟନ୍ତ ଗ୍ରାହକମାନଙ୍କ ସହିତ ଆକାଶ ମାର୍ଗର ସର୍ଭେ କାର୍ଯ୍ୟକଳାପ ପାଇଁ ଡ୍ରୋନ୍ ଯୋଗାଇଥାଏ । କମ୍ପାନୀର ୱେବସାଇଟ୍ ଅନୁଯାୟୀ, ଏହି କମ୍ପାନୀ ଜାପାନୀ ଡ୍ରୋନ୍ ଫାର୍ମ ଟେରା ଡ୍ରୋନ୍ କର୍ପୋରେସନର ଇଣ୍ଡୋନେସିଆନ୍ ୟୁନିଟ୍ ଥିଲା ।

## ଭାରତ ଚିଟିଂ କରୁଛି, ଆହୁରି ଟାରିଫ ଲାଗୁ କରିବି

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୂଚିତ କରିଛନ୍ତି ଯେ ତାଙ୍କ ପ୍ରଶାସନ ଭାରତୀୟ ଚାଉଳ ଏବଂ କାନାଡା ସାର ସମେତ ବିଦେଶୀ କୃଷି ଉତ୍ପାଦ ଉପରେ ନୂତନ ଶୁଳ୍କ ଲାଗୁ କରିବା ବିଷୟରେ ବିଚାର କରୁଛି । ହ୍ୱାଇଟ୍ ହାଉସରେ ଅନୁଷ୍ଠିତ ଏକ ବୈଠକରେ ଟ୍ରମ୍ପ୍ ଏହି ବିବୃତ୍ତି ଦେଇଛନ୍ତି । ବୈଠକରେ ଚାଷୀମାନେ ଆମେରିକା ବଜାରରେ ଶସ୍ତା ବିଦେଶୀ ଉତ୍ପାଦର ପ୍ରଭାବ ବିଷୟରେ ଅଭିଯୋଗ କରିଥିଲେ । ଆମେରିକୀୟ ଚାଷୀଙ୍କ ପାଇଁ ଘୋଷଣା କରାଯାଇଥିବା ୧୨ ବିଲିୟନ ଡଲାରର ରିଲିଫ୍ ପ୍ୟାକେଜ୍ ସମୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ ଯେ କିଛି ଦେଶ ଆମେରିକା ବଜାରରେ କମ୍ ମୂଲ୍ୟରେ ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଘରୋଇ ଚାଷୀମାନଙ୍କୁ ବହୁତ କ୍ଷତି ହେଉଛି । ଟ୍ରମ୍ପ୍ ଉତ୍ତର ଦେଇଥିଲେ, ସେମାନେ



ଠକୁଛନ୍ତି। ସେ ସୂଚିତ କରିଥିଲେ ଯେ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଯିବ ଏବଂ ଆବଶ୍ୟକ ହେଲେ ଶୁଳ୍କ ଲାଗୁ କରାଯିବ । ଲୁଇସିଆନାର କେନେଡି ରାଇସ୍ ମିଲ୍ସର ସିଇଓ ମେରିଲ୍ କେନେଡି ଦାବି କରିଛନ୍ତି ଯେ ଭାରତ, ଥାଇଲ୍ୟାଣ୍ଡ ଏବଂ ଚୀନ୍ ଏହି କଥିତ ଡମ୍ପିଂ ପାଇଁ ମୁଖ୍ୟ ଦେଶ । ସେ କହିଛନ୍ତି ଯେ ଚୀନ୍, ବିଶେଷକରି, ପୁଏର୍ଟୋ ରିକୋକୁ ବହୁ ପରିମାଣରେ ଚାଉଳ ପଠାଉଛି, ଯେଉଁଠାରେ ଆମେରିକୀୟ ଚାଉଳର ଯୋଗାଣ ବର୍ତ୍ତମାନ ପ୍ରାୟତଃ ବନ୍ଦ ହୋଇଯାଇଛି । କେନେଡି କହିଛନ୍ତି, ଆମେ ବର୍ଷ ବର୍ଷ ଧରି ସେଠାରେ ଚାଉଳ ପଠାଉନାହୁଁ।ଦକ୍ଷିଣ ରାଜ୍ୟଗୁଡ଼ିକର ଚାଷୀମାନେ ଖରାପ ଭାବରେ ପ୍ରଭାବିତ ହୋଇଛନ୍ତି ।

# ମା'ଙ୍କର ଜାତି ଆଧାରରେ ସନ୍ତାନଙ୍କୁ ମିଳିବ ଜାତି ପ୍ରମାଣପତ୍ର

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଜାତି ପ୍ରମାଣପତ୍ର ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷକୋର୍ଟ ଜଣେ ଝିଅକୁ ତାଙ୍କ ମା'ଙ୍କ ଜାତି ଆଧାରରେ ଅନୁସୂଚିତ ଜାତି(ଏସସି) ପ୍ରମାଣପତ୍ର ପ୍ରଦାନ କରିବାକୁ ଅନୁମତି ଦେଇଛନ୍ତି। ଏହି ରାୟ ଅନନ୍ୟ କାରଣ ଜଣେ ପିଲାର ଜାତି ସାଧାରଣତଃ ପିତାଙ୍କ ଜାତି ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ଏହି ମାମଲାଟି ପୁଡୁଚେରୀର ଜଣେ ଝିଅ ପାଇଁ ଏକ ଜାତି ପ୍ରମାଣପତ୍ର ସହିତ ଜଡିତ । ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ପୁଡୁଚେରୀର ଝିଅକୁ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କାରଣ ପ୍ରମାଣପତ୍ର ବିନା ତାଙ୍କ ଶିକ୍ଷାଗତ କ୍ୟାରିୟର କ୍ଷତିଗ୍ରସ୍ତ ହେବ। ଖଣ୍ଡପୀଠ କହିଛନ୍ତି, ଆମେ ଆଇନର ପ୍ରଶ୍ନକୁ ଖୋଲା ରଖୁଛୁ । ଉଲ୍ଲେଖ କରିଛନ୍ତି, ଏହା ଏକ ବଡ଼ ବିତର୍କ ସୃଷ୍ଟି କରିପାରେୟ ।ସେ କହିଛନ୍ତି ପରିବର୍ତ୍ତିତ ସମୟ ସହିତ, ମା'ଙ୍କ ଜାତି ଆଧାରରେ ସନ୍ତାନଙ୍କୁ କାହିଁକି ଜାତି ପ୍ରମାଣପତ୍ର ପ୍ରଦାନ କରାଯିବ ନାହିଁ ? ଏହି ହରାୟର ଅର୍ଥ ହେବ ଯେ, ଉଚ୍ଚ ଜାତିର ପୁରୁଷଙ୍କ ସହିତ ବିବାହରୁ ଅନୁସୂଚିତ ଜାତିର ମହିଳାଙ୍କଠାରୁ ଜନ୍ମିତ ଏବଂ ଉଚ୍ଚ ଜାତିର ପରିବାରରେ ପାଳିତ ସନ୍ତାନମାନେ ମଧ୍ୟ ଝଉ ପ୍ରମାଣପତ୍ର ପାଇବାର ହକଦାର ହେବେ । ରିପୋର୍ଟ ଅନୁଯାୟୀ, ମା' ତାଙ୍କ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ)ଙ୍କୁ ତାଙ୍କ ଜାତି ପ୍ରମାଣପତ୍ର ଆଧାରରେ ଅନୁସୂଚିତ ଜାତି ପ୍ରମାଣପତ୍ର ପ୍ରଦାନ କରିବାକୁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ, କାରଣ ତାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କ ନିଜ ଘରେ ବାପା ମା'ଙ୍କ ରହୁଥିଲେ । ତାଙ୍କ ଆବେଦନରେ ମହିଳା ଯୁକ୍ତି ଦର୍ଶାଇଥିଲେ ଯେ, ତାଙ୍କ ପିତାମାତା ଏବଂ ଜେଜେମାଆ ହିନ୍ଦୁ ଦ୍ରାବିଡ଼ ସମ୍ପ୍ରଦାୟର ଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ସହିତ ପଢ଼ାଯାଇଥିବା ରାଷ୍ଟ୍ରପତିଙ୍କ ବିଜ୍ଞପ୍ତି ଅନୁଯାୟୀ, ୫ ମାର୍ଚ୍ଚ,



୧୯୬୪ ଏବଂ ୧୭ ଫେବୃଆରୀ, ୨୦୦୨ ରେ କୁହାଯାଇଛି ଯେ, ଜଣେ ବ୍ୟକ୍ତିଙ୍କ ଜାତି ପ୍ରମାଣପତ୍ର ପାଇବାର ଯୋଗ୍ୟତା ମୁଖ୍ୟତଃ ତାଙ୍କ ପିତାଙ୍କ ଜାତି ଏବଂ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର କ୍ଷେତ୍ରାଧିକାର ମଧ୍ୟରେ ତାଙ୍କ ଆବାସିକ ସ୍ଥିତି ଉପରେ ଆଧାରିତ । ପୁନିତ ରାୟ ବନାମ ଦିନେଶ ଚୌଧୁରୀ <(2003) 8 SCC 204= ଏକ ସଂରକ୍ଷଣ ମାମଲାରେ, ସୁପ୍ରିମକୋର୍ଟ କହିଥିଲେ ଯେ, ପାରମ୍ପରିକ ହିନ୍ଦୁ ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ ପାଇଁ ନିର୍ଣ୍ଣାୟକ କାରକ ହେବ ପିତାଙ୍କ ଜାତି ଏବଂ ବୈଧାନିକ ଆଇନର ଅନୁପସ୍ଥିତିରେ, ସେମାନେ ମାତାଙ୍କଠାରୁ ନୁହେଁ ବରଂ ପିତାଙ୍କଠାରୁ ସେମାନଙ୍କର ଜାତି ଉତ୍ତରାଧିକାରୀ ଭାବରେ ପାଇବେ । ପରେ, ୨୦୧୨ ମସିହାରେ ରମେଶଭାଇ ଦାଭାଇ ନାଇକା ବନାମ ଗୁଜରାଟ ରାୟରେ, ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରୁ ଜନ୍ମିତ ବ୍ୟକ୍ତିଙ୍କ ଜାତି ନିର୍ଣ୍ଣୟ କରିବାରେ, ପ୍ରାସଙ୍ଗିକ ତଥ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇପାରିବ ନାହିଁ । ଖଣ୍ଡପୀଠ କହିଛନ୍ତି, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ଏହା ଅନୁମାନ କରାଯାଇପାରେ ଯେ, ପିଲାର ଜାତି ପିତାଙ୍କ ଜାତି ସହିତ ଜଡିତ ହେବ । ଏହି ଧାରଣା ଏପରି କ୍ଷେତ୍ରରେ ଅଧିକ ଦୃଢ଼ ହୋଇପାରେ ଯେଉଁଠାରେ, ଆନ୍ତଃଜାତି ବିବାହ କିମ୍ବା ଆଦିବାସୀ ଏବଂ ଅଣ-ଜାତି ମଧ୍ୟରେ ବିବାହରେ, ସ୍ୱାମୀ ଉଚ୍ଚ ଜାତିର ହୋଇଥାନ୍ତିୟକୋର୍ଟ କହିଛନ୍ତି, ଏହି ମାମଲାରେ ଏପରି ବିବାହରୁ ଜନ୍ମିତ ପିଲାମାନେ ପ୍ରମାଣ ଦେଇପାରିବେ ଯେ, ସେମାନଙ୍କୁ SC/ST ସମ୍ପ୍ରଦାୟର ଜଣେ ମା'ଙ୍କ ଦ୍ୱାରା ପାଳିତ କରାଯାଇଥିଲା । ଉଚ୍ଚ ଜାତିର ପିତାଙ୍କ ପୁଅ ହେବା ଦ୍ୱାରା ସେମାନଙ୍କୁ ସେମାନଙ୍କ ପ୍ରାରମ୍ଭିକ ଜୀବନରେ କୌଣସି ସୁବିଧା ମିଳି ନାହିଁ । ବରଂ, ସେମାନେ ସେମାନଙ୍କ ମା' ଯେଉଁ ସମ୍ପ୍ରଦାୟର ଥିଲେ ସେହି ସମ୍ପ୍ରଦାୟର ଅନ୍ୟ ସଦସ୍ୟଙ୍କ ପରି ବଞ୍ଚିତ, ଅପମାନ, ଅବମାନନା ଏବଂ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ।

## କମିଲା ସୁନା ଦର

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଡିସେମ୍ବର ୯ ମଙ୍ଗଳବାର ଘରୋଇ ଫ୍ୟୁଚର୍ସ ମାର୍କେଟରେ ସୁନା ମୂଲ୍ୟ ହ୍ରାସ ପାଇଛି। ତେବେ ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର ।ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୦,୦୯୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୯,୨୫୦ ଟଙ୍କା ଛୁଇଁଛି। ସୁନା ମୂଲ୍ୟ ନିରନ୍ତର ପରିବର୍ତ୍ତନଶୀଳ ହୁଏ । ପ୍ରମୁଖ ବିଶ୍ୱ ଘଟଣା, ଯୁଦ୍ଧ ପରି ପରିସ୍ଥିତି, ଟଙ୍କା ଏବଂ ଡଲାର ଗତିବିଧି ଏବଂ ଟିକସ ନିଷ୍ପତ୍ତି ମଧ୍ୟ ଏହାର ମୂଲ୍ୟକୁ ପ୍ରଭାବିତ କରେ । ତଥାପି, ଲୋକମାନେ ସବୁବେଳେ ସୁନାକୁ ଏକ ସୁରକ୍ଷିତ ନିବେଶ ବୋଲି ବିଚାର କରିଆସିଛନ୍ତି। ନିବେଶକମାନେ ବିଶ୍ୱାସ କରନ୍ତି ଯେ ସୁନା ଏକ ମୂଲ୍ୟବାନ ଧାତୁ ଯାହା ବଜାର ବିପଦରୁ ସୁରକ୍ଷା ଦିଏ । ଏହା ସହିତ, ସାଧାରଣ ଭାରତୀୟମାନେ ମଧ୍ୟ ଶୁଭ ଅବସରରେ ସୁନା କିଣନ୍ତି । ସୁନା ଭାରତରେ କେବଳ ଏକ ନିବେଶ ନୁହେଁ, ବରଂ ଆମର ପରମ୍ପରା ଏବଂ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ । ବିବାହ ଭଳି ଅବସରରେ ଭାରତୀୟମାନେ ବହୁ ପରିମାଣରେ ସୁନା କିଣନ୍ତି।

# ୟୁପିଆଇ ବିଶ୍ୱର ସର୍ବବୃହତ ପେମେଣ୍ଟ୍ ବ୍ୟବସ୍ଥା: ଆଇଏମ୍ଏଫ୍

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ଭାରତ ବିକାଶ କରିଥିବା ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରେଫେସ୍ (ୟୁପିଆଇ) ବିଶ୍ୱର ସର୍ବବୃହ ବାସ୍ତବ ସମୟ ପେମେଣ୍ଟ ବ୍ୟବସ୍ଥା ମାନ୍ୟତା ହାସଲ କରିଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଏହି ସ୍ୱୀକୃତି ଦେଇଛି । ସାରା ବିଶ୍ୱର ୪୯ ପ୍ରତିଶତ ବାସ୍ତବ ସମୟ ପେମେଣ୍ଟ ୟୁପିଆଇ ଜରିଆରେ ହେଉଥିବା ଏହା କହିଛି । ବିଶ୍ୱର ବାସ୍ତବ ସମୟ ପେମେଣ୍ଟରେ ଭାରତର ଭାଗ ୪୯ ପ୍ରତିଶତ ଥିବା ବେଳେ ବ୍ରାଜିଲର ୧୪ ପ୍ରତିଶତ, ଥାଇଲ୍ୟାଣ୍ଡର ୮ ପ୍ରତିଶତ, ଚୀନର ୬ ପ୍ରତିଶତ ଓ ଦକ୍ଷିଣ କୋରିଆର ଭାଗ ୩ ପ୍ରତିଶତ ରହିଛି । ଅନ୍ୟ ସବୁ ଦେଶଗୁଡ଼ିକ ମିଳିତ ଭାବେ ୨୦ ପ୍ରତିଶତ ଭାଗ ନିଜ ପାଖରେ ରଖିଛନ୍ତି । ଲୋକସଭାରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚେଧୁରୀ ଏହି ସୂଚନା ଦେଇଛନ୍ତି । ୟୁପିଆଇର ପ୍ରସାର ଲାଗି ଏହାକୁ ପରିଚାଳନା କରୁଥିବା ସଂସ୍ଥା ନ୍ୟାସନାଲ୍ ପେମେଣ୍ଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍ପିସିଆଇ) ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପଦକ୍ଷେପ ଗ୍ରହଣ କରୁଛନ୍ତି । ସ୍ୱଳ୍ପ ମୂଲ୍ୟର ପେମେଣ୍ଟ୍ ଲାଗି ଭିମ୍ ବିକାଶ କରାଯାଇଛି । ଛୋଟ ଛୋଟ ସହରରେ ଏହି ସେବାର ପ୍ରସାର ଲାଗି ପେମେଣ୍ଟ୍ ଭିତ୍ତିଭୂମି ବିକାଶ ପାଣ୍ଠି (ପିଆଇଡିଏଫ୍) ଗଠନ କରାଯାଇଛି । ଏହି ସହରଗୁଡ଼ିକରେ ପିଓଏସ୍ ଟର୍ମିନାଲ ଓ କ୍ୟୁଆର୍ କୋଡ୍ ମୁତୟନ କରିବା ଲାଗି ବ୍ୟାଙ୍କ ଓ ଫିନ୍ଟେକ୍ ସଂସ୍ଥାଗୁଡ଼ିକୁ ଏହି ପାଣ୍ଠିରୁ ସହାୟତା ଦିଆଯାଉଛି।

# କୌଣସି ଏୟାରଲାଇନ୍ସ କମ୍ପାନୀ ଯାତ୍ରୀଙ୍କୁ ହଇରାଣ କରିପାରିବେନି

**ନୂଆଦିଲ୍ଲୀ,୯।୧୨(ଏଜେନ୍ସି):** ବିମାନ ଯାତ୍ରା ବନ୍ଦ ହେବା ପରେ ସରକାର ଇଣ୍ଡିଗୋ ପ୍ରସଙ୍ଗରେ କଡା ଆକ୍ସନ ନେବାର ପ୍ରସ୍ତୁତି କରୁଛନ୍ତି । କେନ୍ଦ୍ର ସରକାର କୋର୍ଟରେ କହିଛନ୍ତି କମ୍ପାନୀକୁ ଦାୟୀ କରାଯାଉଛି। ଏହା ସହ କେଣସି କମ୍ପାନୀ ଯାତ୍ରୀଙ୍କୁ ହଇରାଣ କରିପାରିବେନି । ଏହାର ଅନୁମତି ନାହିଁ । ଏହା ପୂର୍ବରୁ ଇଣ୍ଡିଗୋର ରୁଟରେ ୫% ହ୍ରାସ କରିବାର ନିର୍ଦ୍ଦେଶ ଦିଆଯାଇଥିଲା। ଇଣ୍ଡିଗୋ ସଙ୍କଟ ଉପରେ ଲୋକସଭାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମ ମୋହନ ନାଇଡୁ କହିଛନ୍ତି, 'ଅପରେସନ୍ ଦ୍ରୁତ ଗତିରେ ଚାଲିଛି ଏବଂ ସୁରକ୍ଷା ସମ୍ପୂର୍ଣ୍ଣ ଭାବରେ ଲାଗୁ ହୋଇଛି । ଏହି ଘଟଣା ପାଇଁ ଇଣ୍ଡିଗୋକୁ ଦାୟୀ କରାଯାଉଛି,ଯାତ୍ରୀଙ୍କ ସୁବିଧା ଓ ସମ୍ମାନର ରକ୍ଷା କରାଯାଉଛି । ଭାରତର ବେସାମରିକ ସେକ୍ଟରକୁ ଆହୁରି ଅଧିକ ଯାତ୍ରୀ କେନ୍ଦ୍ରିତ କରିବା ପାଇଁ ଦୀର୍ଘକାଳୀନ ଉପାୟ କରାଯାଉଛି । ଇଣ୍ଡିଗୋର ସମସ୍ୟା ଏବେ ଧିରେ ଧିରେ ଠିକ୍ ହେଉଛି । ସାରା ଦେଶରେ ଅନ୍ୟ ଏୟାରଲାଇନ୍ସ ଆରାମରେ କାମ କରୁଛି । ଦେଶସାରା ଏୟାରପୋର୍ଟର ସ୍ଥିତି ସ୍ୱାଭାବିକ ରହିଛି । ମନ୍ତ୍ରଣାଳୟ ଦେଖାରେଖାରେ ରିଫଣ୍ଡ ଏବଂ ଲଗେଜ ଫେରାଯିବା ସହ ଯାତ୍ରୀଙ୍କ ସାହାଯ୍ୟ ପାଇଁ ଚେଷ୍ଟା ଚାଲିଛି । ଡିଜିସିଏ ପକ୍ଷରୁ ଇଣ୍ଡିଗୋର ନେତୃତ୍ୱଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ପଠାଯାଇଛି ଓ ଏହାର ତଦନ୍ତ ଆରମ୍ଭ ହୋଇଛି । ଏହା ପୂର୍ବରୁ ସରକାର ଇଣ୍ଡିଗୋ ଏୟାର ଲାଇନ୍ସ ଉପରେ ଆକ୍ସନ ନେଇଥିଲେ । ସରକାର ଏୟାରଲାଇନ୍ସକୁ ଉଡାଣରେ ୫% କାଟି କରିବାର ନିର୍ଦ୍ଦେଶ ଦେଇଥିଲେ । ଡିଜିସିଏ ସମ୍ପୂର୍ଣ୍ଣ ଭାବରେ ଆକ୍ସନ ମୁଡରେ ରହିଛି । ବେସାମରିକ ମନ୍ତ୍ରୀ ରାମମୋହନ ନାୟଡୁ ସୋମବାର କହିଛନ୍ତି, ସରକାର ଇଣ୍ଡିଗୋର ଶୀତକାଳୀନ ଉଡାଣ କାର୍ଯ୍ୟକ୍ରମରେ କାଟ କରାଯିବା । ଏବେ ଇଣ୍ଡିଗୋଠାରୁ ପ୍ରତିଦିନ ପ୍ରାୟ ୧୧୦ ଉଡାଣ ହ୍ରାସ କରାଯାଇପାରେ । ଯଦି ଇଣ୍ଡିଗୋ ନିଜର ଆଭିମୁଖ୍ୟ ନବଦଳାଇ ତେବେ ଆକ୍ସନ ଆହୁରି କଡ଼ା ନିଆଯାଇପାରେ । ଆମେ ଇଣ୍ଡିଗୋର ମାର୍ଗ ଆହୁରି କମ୍ କରିବୁ । ଏବେ ୨,୨୦୦ଉଡାଣ ହେଉଛି । ଆମେ ନିଶ୍ଚିତ ଭାବରେ ଏହାକୁ କମ୍ କରିବୁ । ୧ ରୁ ୮ ଡିସେମ୍ବ ପର୍ଯ୍ୟନ୍ତ ରଦ୍ଦ ହୋଇଥିବା ୭,୩୦୦,୬୫୫ ପିଏନ୍ଆର ପାଇଁ ୭୪୫ କୋଟି ଟଙ୍କା ଦିଆଯାଇ ସାରିଛି। ଏହାଛଡା ୯୦୦୦ ଯାତ୍ରୀଙ୍କ ବ୍ୟାଗରୁ ୬୦୦୦ବ୍ୟାଗ୍ ଫେରାଇ ଦିଆଯାଇ ସାରିଛି ।



## ଭୁବନେଶ୍ୱରକୁ ୧୦-ମିନିଟ ଡେଲିଭରି ଆଣିଛି ଫ୍ଲିପକାର୍ଟ ମିନିଟ୍‌ସ

ଭୁବନେଶ୍ୱର, ୯।୧୨ (ନି.ପ୍ର) : ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ ପକ୍ଷରୁ ଭୁବନେଶ୍ୱରରେ ଏହାର କ୍ୱିକ ଇକମର୍ସ ସର୍ଭିସ ଫ୍ଲିପକାର୍ଟ ମିନିଟ୍‌ସର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଯାହା କେବଳ ୧୦ ମିନିଟରେ ଦୈନନ୍ଦିନ ସାମଗ୍ରୀ ପ୍ରଦାନ କରିବା ଏବଂ ଉପଭୋକ୍ତାଙ୍କ ପାଇଁ ସୁବିଧା, ବେଗ ଓ ମୂଲ୍ୟ ନିଶ୍ଚିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ସୁଦୃଢ଼ କରିଛି। ଫ୍ଲିପକାର୍ଟର ମାଇକ୍ରୋ ଫୁଲଫିଲମେଂଟ ସେଂଟର (ଏମଏଫସି)ଗୁଡିକ କିଟ୍ ଏରିଆ, ପ୍ରଶାନ୍ତି ବିହାର, ଶ୍ରୀ ବିହାର, ତୁଳସୀ ବିହାର, ବିଜୟ ନଗର, କାନନ ବିହାର, କୈଳାଶ ବିହାର ଓ ଶୈଳଶ୍ରୀ ବିହାର ଆଦି ସ୍ଥାନରେ ଏହି ସୁବିଧା ଉପଲବ୍ଧ ରହିଛି । ଏହା ଗ୍ରୋସରୀ, ମୋବାଇଲ, ଇଲେକ୍‌ଟ୍ରୋନିକ୍ସ ଓ ଅନ୍ୟାନ୍ୟ ବର୍ଗଗୁଡ଼ିକରେ ଏକ ବୃହତ ସଂଗ୍ରହ ପ୍ରଦାନ କରୁଛି। ସ୍ଥାନୀୟ ଉପଭୋକ୍ତା ତଥ୍ୟ ଉପରେ ଆଧାରକରି ଫ୍ଲିପକାର୍ଟ ମିନିଟ୍‌ସ ଆଂଚଳିକ ଭାବେ ଲୋକପ୍ରିୟ ବ୍ରାଣ୍ଡ ଯେପରିକି ପ୍ରଗତି, ପ୍ରଭୁଜୀ ଓ ମିଲ୍କି ମୁ ଆଦିର ଏକ ବିବିଧ ରେ ପ୍ରଦାନ କରୁଛି, ଯାହା ଦୈନନ୍ଦିନ ସାମଗ୍ରୀଗୁଡ଼ିକୁ ସହଜରେ ଉପଲବ୍ଧ କରୁଛି।

ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ଫ୍ଲିପକାର୍ଟ ମିନିଟ୍‌ସ, ସପ୍ଲାଇ ଚେନ, କଷ୍ଟମର ଏକ୍ସପେରିଏନ୍ସ ଆଣ୍ଡ ରିକମର୍ସ ବିଭାଗର ମୁଖ୍ୟ, ବରିଷ୍ଠ ଉପାଧ୍ୟକ୍ଷ, ହେମନ୍ତ ବଦ୍ରୀ କହିଛନ୍ତି, 'ଭୁବନେଶ୍ୱରରେ ଫ୍ଲିପକାର୍ଟ ମିନିଟ୍‌ସର ଶୁଭାରମ୍ଭ ଓଡିଶାର ଉଚ୍ଚ ସମ୍ଭାବନା ଥିବା ଟିୟର ୨ ସହରଗୁଡିକରେ କ୍ୱିକ କମର୍ସ ଭିତିଭୂମିକୁ ବିସ୍ତାର କରିବା ପାଇଁ ଆମର ନିରନ୍ତର ପ୍ରୟାସଗୁଡିକୁ ପ୍ରତିଫଳନ କରୁଛି। ବେଗ ଓ ସୁବିଧାକୁ ନେଇ ବଢୁଥିବା ଆକାଂକ୍ଷା ସହିତ ଆମେ ମଜବୁତ, ହାଇପରଲୋକାଲ ସପ୍ଲାଇ ଚେନ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛୁ ଯାହା ଆମକୁ ଗ୍ରାହକଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇବା ପାଇଁ ଅନୁମତି ଦେବ। ଏହି ପଦକ୍ଷେପ ସ୍ଥାନୀୟ ସେଲର, କୃଷକ ଓ କ୍ଷୁଦ୍ର ବ୍ୟବସାୟଗୁଡିକୁ ଡିଜିଟାଲ ଅର୍ଥନୀତିରେ ଅଧିକ ସାର୍ଥକ ଭାବେ ଅଂଶଗ୍ରହଣ କରିବା ଓ ଉନ୍ନତ ବଜାର ପହଂଚରୁ ଲାଭାନ୍ୱିତ ହେବା ପାଇଁ ସକ୍ଷମ କରିବ। ଭୁବନେଶ୍ୱରର ହାଇ-ଡିମାଣ୍ଡ ଜୋନଗୁଡିକରେ ସେବା ଯୋଗାଇବା ପାଇଁ ଅବସ୍ଥାପିତ ଏହି ଏମଏଫସିଗୁଡ଼ିକୁ ଦୈନନ୍ଦିନ ସାମଗ୍ରୀଗୁଡିକର ଏକ ବିସ୍ତୃତ ଚୟନ ଓ ବାରମ୍ବାର ଅର୍ଡର କରାଯାଉଥିବା ଅନ୍ୟ ବର୍ଗଗୁଡିକରେ ହାଇପରଲୋକାଲ ଡେଲିଭରିକୁ ସପୋର୍ଟ କରିବା ପାଇଁ ଡିଜାଇନ କରାଯାଇଛି। ଫ୍ଲିପକାର୍ଟ ଉପଭୋକ୍ତାଙ୍କ ପାଇଁ ସତେଜ ଫଳ ଓ ପନିପରିବା ଉପଲବ୍ଧ କରିବା ପାଇଁ ଭୁବନେଶ୍ୱରର ହଜାରରୁ ଅଧିକ ସ୍ଥାନୀୟ ସେଲର ଏବଂ ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ (ଏଫପିଓ)ଗୁଡିକ ସହ ମିଶି କାର୍ଯ୍ୟ କରୁଛି। ମଜବୁତ ଯୋଗାଣ ଶୃଙ୍ଖଳା ନେଟୱାର୍କ ଓ ଏଆଇ-ପରିଚାଳିତ ଚାହିଦା ପୂର୍ବାନୁମାନ ଦ୍ୱାରା ସମର୍ଥିତ ଫ୍ଲିପକାର୍ଟ ମିନିଟ୍‌ସ ସ୍ଥାୟୀ ଅଭିବୃଦ୍ଧି ପାଇଁ ସକ୍ଷମ କରିବା ଏବଂ ସେମାନଙ୍କୁ ରଣନୈତିକ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କୃଷକମାନଙ୍କ ସହ ମିଶି କାର୍ଯ୍ୟ କରୁଛି, ଏଥିସହିତ ସେମାନଙ୍କର ଦୀର୍ଘାବଧି ବିକାଶ ପାଇଁ ଜାତୀୟ ବଜାର ପାଇଁ ପହଂଚ ପ୍ରଦାନ କରୁଛି। ବିସ୍ତୃତ ଓ ମାଇକ୍ରୋ-ଫୁଲଫିଲମେଂଟ ଭିତିଭୂମିର ମିଳିତ ସମ୍ପ୍ରସାରଣ ଭୁବନେଶ୍ୱର ଓ ଆଖପାଖ ଅଂଚଳରେ ୱେୟାରହାଉସିଂ, ଲଜିଷ୍ଟିକ୍ସ ଓ ଲାଷ୍ଟ-ମାଇଲ ଅପରେଶନ ଭଳି କ୍ଷେତ୍ରରେ ହଜାର ହଜାର ସଂଖ୍ୟକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ଶୁଭାରମ୍ଭ

ଭୁବନେଶ୍ୱର, ୯।୧୨ (ନି.ପ୍ର): ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ ଆଜି ଗାଲାକ୍ସି ଜେଡ୍ ଟ୍ରାଇଫୋଲ୍ଡ ଶୁଭାରମ୍ଭର ଘୋଷଣାକରିଛି, ପୁନର୍ବାର ସାମସଙ୍ଗର ମୋବାଇଲ ଏଆଇ ଯୁଗ ନେତୃତ୍ୱ ପାଇଁ ଏକ ନୂତନ ଗଠନ ବ୍ୟବସ୍ଥାର ଏହା ସମ୍ପ୍ରସାରିତ ରୂପ। ଫୋଲଡ଼େବୁଲ ବିଭାଗର ନବୀନତାର ଦଶନ୍ଧି ଧରି ପ୍ରସ୍ତୁତକୁ ନେଇ ଏହି ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ପ୍ରଦର୍ଶିତ କରୁଛି ଯାନ୍ତ୍ରିକୀ ଦକ୍ଷତା ସହିତ ସାକାରତ୍ମକ ଆଧୁନିକତମ ଫୋଲଡ଼େବୁଲ ଜ୍ଞାନକୌଶଳ ଯାହାକି ବିବିଧ-ଫୋଲଡ଼ିଙ୍ଗ ଡ଼ିଜାଇନ ପାଇଁ ବିରଳ ଚାହିଦାକୁ ନେଇପାରିଛି। ରହିଥିବା ଏହାର ପତଳା ଗଠନ ପ୍ରିମିୟମ ଫୋନର ପୋଟେବିଲିଟିକୁ ସୁନିଶ୍ଚିତ କରିବା ସହିତ ଏହା ନିଶ୍ଚିତ ଭାବରେ ଅଲଟ୍ରା ଦକ୍ଷତା ଏବଂ ଦ୍ୱିତୀୟ ଥର ପାଇଁ ଅନଫୋଲଡ଼େଡ଼ ଠାରୁ ଆଗକୁ ଯାଇ ଏହା ଏକ ନିମଜ୍ଜିତକାରୀ ୧୦' ଡ଼ିସପ୍ଲେ ଉନ୍ମୋଚନ କରିଛି ଯାହାକି ଉତ୍ପାଦନ କ୍ଷମତା ଏବଂ ସିନେମାଟିକ୍ ଦୃଶ୍ୟମାନତାକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହି ଶ୍ରେଣୀରେ ରହିଥିବା ମୋବାଇଲ ଅଭିଜ୍ଞତାକୁ ଅଧିକ ଭାବରେ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ପୂର୍ବରୁ ଦେଖାଯାଇ ନଥିବା ଏକ ଆକର୍ଷଣୀୟ ବିଶେଷତ୍ୱକୁଏହା ପ୍ରଦର୍ଶିତ କରିପାରିଛି।

'ସାମସଙ୍ଗର ନିରବଚ୍ଛିନ୍ନ ନୂତନ ସମ୍ଭାବନାର ଧାରାକୁ ଆଗାମୀ ଭବିଷ୍ୟତର ମୋବାଇଲ ଅଭିଜ୍ଞତା ପାଇଁ ଏହା ଏକ ନୂତନ ଗଠନ ପ୍ରସ୍ତୁତ କରିପାରିଛି' ମତବ୍ୟକ୍ତ କରି କହିଛନ୍ତି ଟିଏମ ରୋହ, ପ୍ରମୁଖ କାର୍ଯ୍ୟନିର୍ବାହୀ ଅଧିକାରୀ, ସଭାପତି ଏବଂ ଡ଼ିଭାଇସ ଏକ୍ସପେରିଏନ୍ସ (ଡ଼ିଏକ୍ସ) ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ ମୁଖ୍ୟ। 'ବର୍ଷ ବର୍ଷ ଧରି ଫୋଲଡ଼େବୁଲ ଗଠନ ପ୍ରଣାଳୀରେ ଜାରି ରହିଥିବା ନବୀନତମ ଜରିଆରେ ଏହି ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ଶିଳ୍ପ ଜଗତରେ ରହିଆସିଥିବା ବହୁ ଦୂରଗାମୀ ଆହ୍ୱାନ ପାଇଁ ଏହା ବାସ୍ତବରେ ଏକ ସମାଧାନର ପଥ ଅଟେ - ଯାହାକି ଏକ ସଠିକ୍ ସମତୁଳ ପୋଟେବୁଲ ମଧ୍ୟରେ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦକ୍ଷତା ଏବଂ ଉତ୍ପାଦନଶୀଳତାକୁ ଗୋଟିଏ ଉପକରଣ ମାଧ୍ୟମରେ ଏକାଠି କରିପାରିଛି। ଯଥାର୍ଥରେ ଏହି ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ସୃଜନଶୀଳତା ଏବଂ ସଂଯୋଗୀକରଣ ସହିତ ମୋବାଇଲ କାର୍ଯ୍ୟଧାରାର ସମ୍ଭାବନାର ପ୍ରାଚୀରକୁ ଆହୁରି ଅଧିକ ସମ୍ପ୍ରସାରିତ କରିପାରିଛି।




ସାମସଙ୍ଗ ପାଖରେ ମୋବାଇଲ ଶିଳ୍ପର ଏକ ଲମ୍ବା ଅବଧିର ନେତୃତ୍ୱ ରହିବା ସଙ୍ଗେ ସଙ୍ଗେଏହା ଯଥାର୍ଥରେ ନୂତନ ବିଭାଗ ଏବଂ ଅଭିଜ୍ଞତାର ଦୃଷ୍ଟିଭଙ୍ଗୀକୁ ନେଇ ସମସ୍ତଙ୍କୁ ଆକର୍ଷିତ କରିପାରିଛି ଯାହା ମଧ୍ୟରେ ରହିଛି - ସବୁଠାରୁ ବଡ଼ ପରଦା, ଫୋଲଡ଼େବୁଲ ବିଷୟବସ୍ତୁ ତଥା ମୋବାଇଲ ସାମଗ୍ରୀ ମଧ୍ୟରେ ଏଆଇର ପ୍ରତିଫଳନ, ଏଥିସହିତ ପ୍ରତ୍ୟେକ ନବୀକରଣ ବ୍ୟବହାରକାରୀ ମାନଙ୍କ ମାନସିକତାକୁ ମଧ୍ୟ ବହୁ ଭାବରେ ଆକର୍ଷିତ କରିଛି। ଆର ଏଣ୍ଡ ଡ଼ି ନିଜସ୍ୱ ଜ୍ଞାନକୌଶଳକୁ ନେଇ ଉତ୍ପାଦନର ସାମୂହିକ ଜ୍ଞାନକୌଶଳ ତଥା ମାନକ ନିୟନ୍ତ୍ରଣର ସବୁ ପ୍ରକାର ବାଧାକୁ ପାର କରି ଏହି ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ସାମସଙ୍ଗର ସବୁଠାରୁ ନୂତନ ମାଇଲଖୁଂଟ ପ୍ରତିଷ୍ଠା କରିପାରିଛି ସେହି ଫୋନ ପାଇଁ ଯାହାକି ପୋଟେବୁଲ ହୋଇ ମଧ୍ୟ ସବୁ ପ୍ରକାର ଆଉଟପୁଟ ପ୍ରଦାନ କରିବାରେ ସକ୍ଷମ ହୋଇପାରିଛି।

ସାମସଙ୍ଗର ଗବେଷଣା ଏବଂ ଡ଼ିଜାଇନର ଧାରାରେ ନବୀନତମ ଲୋକମାନେ କିଭଳି ଭାବରେ ସେହି ସାମଗ୍ରୀଟିକୁ ବ୍ୟବହାର କରୁଛନ୍ତି ତାହାର ବୁଝାମଣାକୁ ସଠିକ୍ ଭାବରେ ପରିଚାଳିତ କରିପାରିଛି। କମ୍ପାନୀର ଦଶନ୍ଧି ଅବଧି ଧରି ରହି ଆସିଥିବା ଫୋଲଡ଼େବୁଲ ବିଭାଗର ନବୀନତମତା ଏହି ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡର ଅଦ୍ୱିତୀୟ ବିବିଧ-ଫୋଲଡ଼ିଙ୍ଗର ଗଠନ ପ୍ରଣାଳୀକୁ ଅଧିକ ପ୍ରେରିତ କରିବା ସହିତ ପ୍ରମୁଖ ଡ଼ିସପ୍ଲେରେ ସୁରକ୍ଷା ପ୍ରଦାନକାରୀତାକୁ ଏହା ଗଠନ ପ୍ରଣାଳୀକୁ ଆଗକୁ ନେବା ସମୟରେ ଅଧିକ ଦୃଷ୍ଟି ଦେଇପାରିଛି। ରହିଥିବା ଏହି ଫୋଲଡ଼ିଙ୍ଗ କୁଶଳତା ଅତି ସହଜ ସରଳ ଭାବରେ ସାମଗ୍ରୀଟିକୁ ଖୋଲିବା ଏବଂ ବନ୍ଦ କରିବା କୌଶଳକୁ ସଠିକ୍ ଯାନ୍ତ୍ରିକୀ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନସ୍କ୍ରିନ ସୂଚନା ମାଧ୍ୟମରେ ବ୍ୟବହାରକାରୀ ମାନଙ୍କୁ ଏହା ସେହି ଖୋଲିବା ଏବଂ ବନ୍ଦ କରିବାକୁ ସଠିକ୍ ଭାବରେ ପରିଚାଳିତ ପାଇଁ ନିର୍ଦ୍ଦେଶ ଦେଇଥାଏ। ଅନ୍ତର୍ଭୁକ୍ତିକରଣ ତଥା ବ୍ୟବହାରକାରୀ ବନ୍ଧୁତ୍ୱପୂର୍ଣ୍ଣ ଅଭିଜ୍ଞତାକୁ ନେଇ ଏହି ଫୋନରେ ସମସ୍ତ ପ୍ରକାର ଟିକ୍‌ନିକ୍ କୌଶଳ ଅତି ଉଦ୍ଦେଶ୍ୟ ମୂଳକ ଭାବରେ ପ୍ରଦାନ କରାଯାଇଛି। ୩.୯ଏମଏମର ସବୁଠାରୁ ପତଳା ଦିଗଟିକୁ ନେଇ ଗାଲାକ୍ସି ଜେଡ଼ ଟ୍ରାଇଫୋଲ୍ଡ ଫ୍ଲାଗ୍‌ସିପ ସ୍ତରୀୟ ଦକ୍ଷତା କ୍ଷମତାକୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଥିରେ ରହିଛି ପାରମ୍ପରିକ ସ୍ନାପଡ୍ରାଗନ ୮ ଇଲାଇଟ ମୋବାଇଲ ପ୍ଲାଟଫର୍ମ ଯାହାକି ଗାଲାକ୍ସି ପାଇଁ କେବଳ ଗଠିତ ଏଥିସହିତ ୨୦୦ଏମପି କ୍ୟାମେରା ଏବଂ ସବୁଠାରୁ ବଡ଼ ଯାହାକି ପୂର୍ବରୁ କେବେ ଆସି ନଥିବା ବ୍ୟାଟେରୀ। ୫୬୦୦ ଏମଏଏଚ୍ ୩ଟି ସେଲଯୁକ୍ତ ବ୍ୟାଟେରୀ ପ୍ରଣାଳୀ ଏହାର ତିନୋଟି ପ୍ୟାନେଲରେ ଖ ଯାଇଛି ଯାହାକି ସନ୍ତୁଳିତ ଶକ୍ତିକୁ ପ୍ରଦାନ କରିବାରେ ସହାୟତା ହେବା ସଙ୍ଗେ ସଙ୍ଗେ ଦିନର ପ୍ରତ୍ୟେକ ମୁହୂର୍ତ୍ତକୁ ଏହା ଦୃଢ଼ କରିବାରେ ସହାୟ ହୋଇପାରିବ।

## ଏପ୍ସିଲନ ଫାଉଣ୍ଡେସନ ଏବଂ ଇଷ୍ଟ-ୱେଷ୍ଟ ସିଡସ ଫାଉଣ୍ଡେସନ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର, ୯।୧୨ (ନି.ପ୍ର) : ଏପ୍ସିଲନ କାର୍ବନ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଏସଆର ଶାଖା ଏପ୍ସିଲନ୍ ଫାଉଣ୍ଡେସନ୍ ଏବଂ ଇଷ୍ଟ-ୱେଷ୍ଟ ସିଡ୍ ନଲେଜ୍ ଟ୍ରାନ୍ସଫର ଫାଉଣ୍ଡେସନ୍ (ଇଡବ୍ଲୁକେଟି) ମିଶି 'ସ୍ଥାୟୀ ପନିପରିବାର ଉତ୍ପାଦ ପଦ୍ଧତିକୁ ପ୍ରୋତ୍ସାହନ ମାଧ୍ୟମରେ କୃଷକଙ୍କ ଆୟ ବୃଦ୍ଧିନ୍ତ ନାମରେ ଏକ ନୂଆ ପ୍ରକଳ୍ପର ଘୋଷଣା କରିଛନ୍ତି। ଏହି ୬ ମାସର ପାଇଲଟ୍ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାର ଝାରସୁଗୁଡା ଜିଲ୍ଲାରେ ସ୍ଥାୟୀ ଏବଂ ବଜାର-ଚାଳିତ ପନିପରିବା ଉତ୍ପାଦନକୁ ପ୍ରୋତ୍ସାହିତ କରି ଗ୍ରାମୀଣ ଜୀବନ ଜୀବିକାକୁ ଉନ୍ନତ କରିବା। ଝାରସୁଗୁଡ଼ାର କୃଷି ପୃଷ୍ଠଭୂମି ଭଲ ଥିଲେ ମଧ୍ୟ, କୃଷକମାନେ ଅନେକ ଆର୍ଥିକ ଓ ପରିବେଶୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାଗୁଡ଼ିକୁ ହ୍ରାସ କରିବା ପାଇଁ ପ୍ରକଳ୍ପ ମୋଟ ୧,୦୦୦ ଛୋଟ କୃଷକଙ୍କ ସହ କାମ କରିବ। ସେମାନଙ୍କୁ ସାମ୍ନାସାମ୍ନି ପ୍ରଶିକ୍ଷଣ ଓ ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ଦକ୍ଷତା ବୃଦ୍ଧି କରାଯିବ, ଯାହା ତାଙ୍କ ଆୟ ଓ ଜୀବନଜୀବିକା ସୁଯୋଗକୁ ଉନ୍ନତ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମଟି ଦୀର୍ଘକାଳୀନ ଜୀବିକା ବିକାଶକୁ ସମର୍ଥନ କରିବା ପାଇଁ ମାଟି ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ, ଜଳବାୟୁ ସ୍ମାର୍ଟ କୌଶଳ, ସମନ୍ୱିତ କୀଟପତଙ୍ଗ ପରିଚାଳନା ଏବଂ କୃଷି ବ୍ୟବସାୟ ଯୋଜନା ପାଇଁ ପ୍ରଭାବଶାଳୀ କୃଷି ପଦ୍ଧତି ଉପରେ ଧ୍ୟାନ ଦେବ। ଏପ୍ସିଲନ୍ ଫାଉଣ୍ଡେସନ୍‌ର କର୍ମଚାରୀମାନେ ମଧ୍ୟ ସେବାମୂଳକ କାର୍ଯ୍ୟରେ ଯୋଗଦେଇ ଏହି ପ୍ରକଳ୍ପକୁ ଆଉ ଶକ୍ତିଶାଳୀ କରିବେ, ଯାହା ଦ୍ୱାରା ସ୍ଥାନୀୟ ସମୁଦାୟରେ ଅଧିକ ପ୍ରଭାବ ପଡ଼ିବ।

## ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବ ମାରୁତି ସୁଜୁକି ଇଣ୍ଡିଆ




ଭୁବନେଶ୍ୱର, ୯।୧୨ (ନି.ପ୍ର) : ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ମାରୁତି ସୁଜୁକି) ପକ୍ଷରୁ ୧୩ଚାର୍ଜ ପଏଂଟ ଅପରେଟର୍ସ (ସିପିଓ) ଏବଂ ଏଗ୍ରିଗେଟରମାନଙ୍କ ସହ ଏକ ସହଭାଗୀତା ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଶ୍ରୀ ହିସାଶି ଟାକେଉଚି, ମାର୍କେଟିଂ ଏବଂ ସେଲ୍ସର ସିନିୟର ଏକ୍ଜିକ୍ୟୁଟିଭ୍ ଅଫିସର ଶ୍ରୀ ପାର୍ଥୋ ବାନାର୍ଜୀ ଓ ସିପିଓର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଇଭିଚାର୍ଜିଂ ନେଟୱାର୍କ ପ୍ରସ୍ତୁତିକୁ ଯାଂଚ କରିବା ପାଇଁ, କମ୍ପାନୀ ପ୍ୟାନ-ଇଣ୍ଡିଆ 'ଇ ଡ୍ରାଇଭ୍'କୁ ଶୁଭାରମ୍ଭ କରିଛି। ଏହି ଅଭିଯାନର ଏକ ଅଂଶ ଭାବରେ, ଚାରିଟି ଇ ଭିଟାରା ବର୍ଣ୍ଣ ଇଭି ଗୁରୁଗ୍ରାମରୁ ଦେଶର ଚାରି କୋଣକୁ ଚାଲିଯାଇଛି। ୬୦° ରୁ ୩୦° ସେଲସିୟସ ପର୍ଯ୍ୟନ୍ତ ଅତ୍ୟଧିକ ତାପମାତ୍ରା ସ୍ପେକ୍ଟ୍ରମ୍ ଉପରେ 'ବାଲିରୁ ତୁଷାର' ପର୍ଯ୍ୟନ୍ତ କଠୋର ଭାବରେ ପରୀକ୍ଷିତ, ଇ ଭିଟାରା ସ୍ଥିର ପ୍ରଦର୍ଶନ କରିଛି ଏବଂ ଏହା ସହିତ ୫୪୩ କିମିଞ୍ଚ ର ଡ୍ରାଇଭିଂ ରେ ପ୍ରଦାନ କରିଛି।

ଏହି ଅବସରରେ ମତବ୍ୟକ୍ତ କରି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ଶ୍ରୀ ହିସାଶି ଟାକେଉଚି କହିଛନ୍ତି, 'ଆଜି ଆମେ ଏକ ଐତିହାସିକ ପଦକ୍ଷେପ ନେଉଛୁ। ଆମେ ଆମର ବିକ୍ରୟ ଏବଂ ସେବା ନେଟୱାର୍କରେ ୨,୦୦୦ ରୁ ଅଧିକ ମାରୁତି ସୁଜୁକି ସ୍ୱତନ୍ତ୍ର ଚାର୍ଜିଂ ପଏଂଟର ଏକ ଦୃଢ଼ ନେଟୱାର୍କ ସ୍ଥାପନ କରିଛୁ, ଯାହା ୧,୧୦୦ ରୁ ଅଧିକ ସହରରେ ବିସ୍ତାରିତ। ଏହା ବ୍ୟତୀତ, ଆମେ ସାରା ଦେଶରେ ଏକ ବିଶାଳ ଚାର୍ଜିଂ ଭିତିଭୂମିର ପ୍ରବେଶ ପ୍ରଦାନ କରିବା ପାଇଁ ୧୩ ଟି ଚାର୍ଜ ପଏଂଟ ଅପରେଟରଙ୍କ ସହିତ ସହଯୋଗ କରିଛୁ। ଆମର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସାରା ଭାରତରେ ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଂଟର ଏକ ନେଟୱାର୍କ ସକ୍ରିୟ କରିବା। ସେହିଭଳି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ମାର୍କେଟିଂ ଏବଂ ସେଲ୍ସର ଚିଫ୍ ଏକ୍ଜିକ୍ୟୁଟିଭ୍ ଅଫିସର ଶ୍ରୀଯୁକ୍ତ ପାର୍ଥୋ ବାନାର୍ଜୀ କହିଛନ୍ତି, 'ଭାରତର ସର୍ବବୃହତ ଡିଲର ନେଟୱାର୍କ ଏବଂ ଆମର ଚାର୍ଜିଂ ପାର୍ଟନରଙ୍କ ନେଟୱାର୍କକୁ ବ୍ୟବହାର କରି, ଆମେ ଭାରତର ଶ୍ରେଷ୍ଠ ୧୦୦ ଟି ସହରର ପ୍ରମୁଖ ସ୍ଥାନରେ ହାରାହାରି ୫-୧୦ କିଲୋମିଟରର ଦୂରତାରେ ଇଭିଚାର୍ଜିଂ ପଏଂଟ ରହିବା ସୁନିଶ୍ଚିତ କରୁଛୁ। ପ୍ରମୁଖ ରାଜପଥ ସହିତ ନିୟମିତ ବ୍ୟବଧାନରେ ଡିସିଫାଷ୍ଟ ଚାର୍ଜରଗୁଡ଼ିକ ମଧ୍ୟ ଅବସ୍ଥିତ ରହିଛି। ଆମେ ୧.୫ ଲକ୍ଷ ଶକ୍ତିଶାଳୀ ସ୍ୱତନ୍ତ୍ର ଭାବରେ ତାଲିମପ୍ରାପ୍ତ ଇଭିକର୍ମଚାରୀଙ୍କୁ ନିୟୋଜିତ କରିଛୁ। ବିକ୍ରୟ ପରବର୍ତ୍ତୀ ଆବଶ୍ୟକତା ପୂରଣ କରିବା ପାଇଁ ଆମେ ୧୧୦୦ ସହରରେ ୧୫୦୦+ ଇଭି -ପ୍ରସ୍ତୁତ ସେବା କର୍ମଶାଳା ମଧ୍ୟ ସକ୍ରିୟ କରିଛୁ। ମାରୁତି ସୁଜୁକି 'ଇ ଫର୍ ମି' ଇଭି ଚାର୍ଜିଂ ମୋବାଇଲ୍ ଆପ୍ ଏକକ ପ୍ଲାଟଫର୍ମରେ ସହଭାଗୀ-ପରିଚାଳିତ ଚାର୍ଜିଂ ପଏଂଟ ଏବଂ ମାରୁତି ସୁଜୁକିର ନିଜସ୍ୱ ଇଭି ଚାର୍ଜିଂ ନେଟୱାର୍କରୁ ଇଭି ଚାର୍ଜିଂ ପଏଂଟର ଏଣ୍ଡ-ଟୁ-ଏଣ୍ଡ ବ୍ୟବହାରକୁ ସକ୍ଷମ କରିଥାଏ, ରେଜର ପେ ଦ୍ୱାରା ପରିଚାଳିତ ୟୁପିଆଇ କିମ୍ବା ସ୍ୱତନ୍ତ୍ର 'ମାରୁତି ସୁଜୁକି ମନି' ମାଧ୍ୟମରେ ଇଭିଚାର୍ଜିଂ ଏବଂ ପେମେଂଟ ପାଇଁ ଏକ ସମାନ ଗ୍ରାହକ ଯାତ୍ରା ପ୍ରଦାନ କରିଥାଏ। ଏହାସହିତ ପ୍ଲାଟଫର୍ମରେ ଆହୁରି ଅନେକ ବୈଶିଷ୍ଟ୍ୟ ରହିଛି।

## ଅନନ୍ତ ଅମ୍ବାନୀଙ୍କୁ ବନ୍ୟପ୍ରାଣୀ କଲ୍ୟାଣ ପାଇଁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'

ନୂଆଦିଲ୍ଲୀ/ୱାଶିଂଟନ, ୯।୧୨ (ନି.ପ୍ର) : ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ପୁରସ୍କାର ସମାରୋହରେ ଅନନ୍ତ ଅମ୍ବାନୀଙ୍କୁ 'ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ବନତାରା ମାଧ୍ୟମରେ ପ୍ରାଣୀମାନଙ୍କର ଉଦ୍ଧାର, ଚିକିତ୍ସା, ପୁନର୍ବାସ ଏବଂ ସଂରକ୍ଷଣରେ ତାଙ୍କର ନେତୃତ୍ୱ ପାଇଁ ଅନନ୍ତ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ସହିତ, ଅନନ୍ତ ଅମ୍ବାନୀ ଏକ ବିଶେଷ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି। ସେ ଏହି ସମ୍ମାନ ପାଇବାରେ ସବୁଠାରୁ କମ୍ ବୟସର ଏବଂ ପ୍ରଥମ ଏସୀୟ ହୋଇଛନ୍ତି। ପୂର୍ବରୁ, ଏହି ପୁରସ୍କାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍ କେନେଡି ଏବଂ ବିଲ୍ କ୍ଲିଣ୍ଟନଙ୍କ ସମେତ ଅନେକ ହଲିଉଡ୍ ସେଲିବ୍ରିଟି ଓ ବିଶ୍ୱ ନେତାଙ୍କୁ ପ୍ରଦାନ କରାଯାଇଛି।



ଏହି ସମ୍ମାନ ସହିତ, ବନତାରାର ଉଲ୍ଲେଖନୀୟ କାର୍ଯ୍ୟ ପୁଣି ଥରେ ବିଶ୍ୱସ୍ତରରେ ଚର୍ଚ୍ଚାରେ ଆସିଛି। ବନତାରା ଆଜି ବିଶ୍ୱର ସବୁଠାରୁ ଅନନ୍ୟ ଏବଂ ବୃହତ୍ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହା ଆହତ, ଅସୁସ୍ଥ ଏବଂ ସଂକଟରେ ପଡିଥିବା ପ୍ରାଣୀମାନଙ୍କୁ ନୂତନ ଜୀବନ ଦେବା ସହିତ ବିଲୁପ୍ତ ହେଉଥିବା ପ୍ରଜାତିଗୁଡ଼ିକୁ ବଞ୍ଚାଇବା ଏବଂ ସେମାନଙ୍କୁ ସୁରକ୍ଷିତ ପରିବେଶରେ ଫେରାଇ ଆଣିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ପୁରସ୍କାର ଗ୍ରହଣ କରି ଅନନ୍ତ ଅମ୍ବାନୀ କହିଛନ୍ତି, 'ଏହି ସମ୍ମାନ ମୋତେ 'ସର୍ବଭୂତ ହିତ' ଅର୍ଥାତ୍ ସମସ୍ତ ଜୀବଜନ୍ତୁଙ୍କ ମଙ୍ଗଳ ପଥରେ ଆହୁରି ଦୃଢ଼ ଭାବରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଉଛି। ପ୍ରାଣୀମାନେ ଆମକୁ ଜୀବନରେ ସନ୍ତୁଳନ ଏବଂ ସମ୍ବେଦନଶୀଳତା ଶିଖାଇଥାନ୍ତି। ବନତାରା ମାଧ୍ୟମରେ, ଆମର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଜୀବଜନ୍ତୁଙ୍କୁ ସମ୍ମାନ, ଯତ୍ନ ଏବଂ ଏକ ଉତ୍ତମ ଜୀବନ ପ୍ରଦାନ କରିବା। ଆମ ପାଇଁ, ସଂରକ୍ଷଣ ଭବିଷ୍ୟତର ବିଷୟ ନୁହେଁ, ବରଂ ଆଜିର ଏକ ଦାୟିତ୍ୱ। କାର୍ଯ୍ୟକ୍ରମର ଆୟୋଜକ ଗ୍ଲୋବାଲ୍ ହ୍ୟୁମାନ୍ ସୋସାଇଟି ଅନନ୍ତ ଅମ୍ବାନୀ ଏବଂ ବନତାରାକୁ ପ୍ରଶଂସା କରି କହିଛନ୍ତି ଯେ ବନତାରା କେବଳ ଏକ ଉଦ୍ଧାର କେନ୍ଦ୍ର ନୁହେଁ, ବରଂ ପଶୁ ଚିକିତ୍ସା, ଯତ୍ନ ଏବଂ ସଂରକ୍ଷଣକୁ ଏକାଠି ସମନ୍ୱିତ କରୁଥିବା ଏକ ଅନନ୍ୟ ମଡେଲ୍। ବନତାରା ପ୍ରଦର୍ଶିତ କରିଛି ଯେ ବହୁ ସଂଖ୍ୟାରେ ପଶୁମାନଙ୍କୁ କିପରି ସହାୟତା କରାଯାଇପାରିବ, ଏବଂ ଏହି ମଡେଲ୍ ଏବେ ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି। ଏହି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ସଂରକ୍ଷଣ ସହ ଜଡିତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ, ଯେଉଁମାନଙ୍କ ମଧ୍ୟରେ ଥିଲେ ଡକ୍ଟର ଜନ୍ ପଲ୍ ରୋଡ୍ରିଗେଜ, ମାଥ୍ୟୁ ଜେମ୍ସ, ୱିଲିୟମ୍ ଷ୍ଟିଟ୍, ଥମାସ ସ୍ମିଡ, ଡକ୍ଟର ମାଇକେଲ୍ ଏଡକେସନ୍ ଏବଂ କ୍ୟାଥଲିନ୍ ଡୁଡଜିସ୍କିଙ୍କ ଇତ୍ୟାଦି।

## କେଏଲ୍‌ଏଫ ଓ ପେଙ୍ଗୁଇନ ପକ୍ଷରୁ ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ

ଭୁବନେଶ୍ୱର, ୯।୧୨ (ନି.ପ୍ର) : ପେଙ୍ଗୁଇନ ରାଣ୍ଡମ ହାଉସ ଇଣ୍ଡିଆ ସହ ସହଭାଗିତାରେ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ (କେଏଲଏଫ) ପକ୍ଷରୁ ଶୁଭାରମ୍ଭ ହେବାକୁ ଯାଉଛି କେଏଲ୍‌ଏଫ ପେଙ୍ଗୁଇନ ପୁସ୍ତକ ସମୀକ୍ଷା ପ୍ରତିଯୋଗିତା - ଦ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ' । ଏହି ଉତ୍ସାହଜନକ ଜାତୀୟ ପଦକ୍ଷେପ ପୁସ୍ତକ ପାଇଁ ଆଗ୍ରହକୁ ଉଜ୍ଜୀବିତ କରିବା, ଉତ୍ସାହପୂର୍ଣ୍ଣ ସାହିତ୍ୟିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଓ ଭାରତର କୋଣ ଅନୁକୋଣରୁ ପାଠକମାନଙ୍କୁ ସଂଯୋଜିତ କରିବା ପାଇଁ ଲକ୍ଷ୍ୟ ରଖିଛି। କେଏଲ୍‌ଏଫ ଢ ପେଙ୍ଗୁଇନ ବୁକ୍ ରିଭ୍ୟୁ ପ୍ରୋଜେକ୍ଟ ପୁସ୍ତକ ପ୍ରେମୀମାନଙ୍କୁ ୧୦ଟି ସ୍ୱତନ୍ତ୍ର ପୁସ୍ତକକୁ ପଢିବା, ସମୀକ୍ଷା କରିବା ଓ ତାହା ଉପରେ ନିଜର ମତାମତ ସେୟାର କରିବା ପାଇଁ ଆମନ୍ତ୍ରିତ କରିଛି। ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କୁ ଭାରତର ଏହି ଅନ୍ୟତମ ସର୍ବାଧିକ ସମ୍ମାନଜନକ ସାହିତ୍ୟ ମହୋତ୍ସବ ରେ ଉତ୍ସାହଜନକ ପୁରସ୍କାର ଜିତିବା ଓ ସ୍ୱୀକୃତି ପାଇବା ପାଇଁ ସୁଯୋଗ ପ୍ରଦାନ କରିବ। ଏହି ପ୍ରତିଯୋଗିତା ଡିସେମ୍ବର ୩ ତାରିଖ ୨୦୨୫ରୁ ଲାଇଭ ରହିଛି ଓ ଡିସେମ୍ବର ୨୨ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତା ପାଇଁ ପଠନ ତାଲିକାରେ ପେଙ୍ଗୁଇନର ଏଡିଟୋରିଆଲ ଟିମ୍ ଦ୍ୱାରା ଚୟନ କରାଯାଇଥିବା ଏକ ଯତ୍ନଶୀଳ ଭାବେ ମନୋନିତ ପୁସ୍ତକଗୁଡିକ ସାମିଲ ରହିବ। ପୁସ୍ତକ ପାଇନଥିବା ଅଂଶଗ୍ରହଣକାରୀଙ୍କୁ ସହଜରେ ଆକ୍‌ସେସ କରାଯାଇପାରୁଥିବା ଆମାଜନ ଲିଙ୍କ ପ୍ରଦାନ କରାଯିବ। ପୁସ୍ତକଗୁଡିକୁ ପଢିବା ପରେ ଅଂଶଗ୍ରହଣକାରୀମାନେ ପୁସ୍ତକର ଏକ ଫଟୋ ସହିତ ୧୦୦୦ ଶବ୍ଦ ମଧ୍ୟରେ ଏକ ସମୀକ୍ଷା ଦାଖଲ କରିବେ, ଯାହାକୁ ସେମାନେ ନିଜର ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ସେୟାର କରିବେ। ପରେ ସମୀକ୍ଷାଗୁଡିକୁ କେଏଲଏଫ ଓ ପେଙ୍ଗୁଇନ ଦ୍ୱାରା ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ସେୟାର କରାଯିବ। ପ୍ରତିଯୋଗିତାର ଚୟନ ପ୍ରକ୍ରିୟାରେ କେଏଲଏଫ ୧୫ଟି ଟାଇଟଲର ଏକ ସର୍ଟଲିଷ୍ଟ ପ୍ରସ୍ତୁତ କରିବାରେ ସହଯୋଗ କରିବ, ଯେଉଁଥିରୁ ପେଙ୍ଗୁଇନର ଦୁଇ ଜଣ ଏଡିଟର ଓ କେଏଲଏଫର ଜଣେ ପ୍ରତିନିଧିଙ୍କ ଏକ ଜୁରୀ ବିଜେତାଙ୍କୁ ଚୟନ କରିବ। ଏହି ପ୍ରତିଯୋଗିତାର ବିଜେତାଙ୍କ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ଓ ରନର୍-ଅପଙ୍କ ପାଇଁ ୫୦୦୦ ଟଙ୍କାର ପୁରସ୍କାର ସହିତ ପେଙ୍ଗୁଇନର ପ୍ରକାଶିତ ପୁସ୍ତକଗୁଡିକର ଏକ ହାମ୍ପର ରହିଛି। ଆସ'। ଜାନୁଆରୀ ୨୦୨୬ରେ ମେ'ଫେୟାର ହୋଟେଲ, ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା କଳିଙ୍ଗ ଲିଟ୍‌ରେଚର ଫେଷ୍ଟିଭାଲ ସମୟରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏସମ୍ପର୍କରେ କେଏଲଏଫର ସିଇଓ ଅଶୋକ କୁମାର ବଳ କହିଛନ୍ତି, 'ପାଠକମାନଙ୍କୁ ସମୀକ୍ଷା କରିବା ଓ ନିଜର ବିଚାରଧାରା ସେୟାର କରିବା ପାଇଁ ପ୍ରୋତ୍ସାହିତ କରି ଆମେ ପଠନ ପାଇଁ ଏକ ଆଗ୍ରହକୁ ପୁନଃଜାଗ୍ରତ କରିବା ସହ ସାହିତ୍ୟିକ ସ୍ୱରଗୁଡିକର ପରବର୍ତ୍ତୀ ସ୍ୱରକୁ ଅନୁପ୍ରାଣିତ କରୁଛୁ।




## ୨୦୨୬ ଆର୍ଥିକ ବର୍ଷରେ ୯୯.୩୩% ଦାବି ସମାଧାନ କରିଛି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ

ଭୁବନେଶ୍ୱର, ୯।୧୨ (ନି.ପ୍ର) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସ୍ୟୋରାନ୍ସ ଆର୍ଥିକବର୍ଷ ୨୦୨୬-ପ୍ରଥମାର୍ଦ୍ଧରେ ୯୯.୩୩% ଦାବି ସମାଧାନ ଅନୁପାତ ସହିତ ଉଦ୍ୟୋଗରେ ଅଗ୍ରଣୀ ରହିଛି, ଯାହାକି ଦେଶରେ ଶୀର୍ଷ ଇନ୍ସ୍ୟୋରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବାଧିକ ଅଟେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତଦନ୍ତ ହୋଇନଥିବା ଦାବିଗୁଡ଼ିକ ପାଇଁ ଦାବି ସମାଧାନ ସମୟ ୧.୧ ଦିନ ଥିଲା। ଏହି ସମୟରେ ମଧ୍ୟ କମ୍ପାନୀ ପକ୍ଷରୁ ମୋଟ ଟ.୮୯୩.୩୮ କୋଟିର ମୃତ୍ୟୁ ଦାବିର ସମାଧାନ କରାଯାଇଛି । ଏସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସ୍ୟୋରାନ୍ସର ଚିଫ ଅପରେସନ୍ସ ଅଫିସର ଶ୍ରୀ ଅମିଶ ବଙ୍କର କହିଛନ୍ତିଯେ, 'ଆମର ଦାବି ସମାଧାନ ପ୍ରକ୍ରିୟା ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଆମେ ପ୍ରତ୍ୟେକ ଦାବିକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହିତ ପରିଚାଳନା କରୁ। ଆମର ଗ୍ରାହକ-ପ୍ରଥମ ଆଭିମୁଖ୍ୟ ଏବଂ ଡିଜିଟାଲାଇଜେସନ ପ୍ରତି ଦୃଢ଼ ଧ୍ୟାନ ଆମକୁ ଶୀଘ୍ର ଦାବି ସମାଧାନ ପ୍ରଦାନ କରିବାକୁ ସଶକ୍ତ କରିଥାଏ ତଥା ପରିବାରକୁ ସବୁଠାରୁ ଅଧିକ ଆବଶ୍ୟକ ହେଲେ ସମୟାନୁସାରେ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ଆମର ମୋବାଇଲ୍ ଆପ୍, ହ୍ୱାଟ୍‌ସଆପ, ଚାଟବଟ ଏବଂ ୱେବସାଇଟ୍ ଭଳି ସୁବିଧାଜନକ ପ୍ଲାଟଫର୍ମ ସହିତ, ଦାବିଦାରମାନେ ସହଜରେ ଦାବି ଦାଖଲ ଏବଂ ଟ୍ରାକ୍ କରିପାରିବେ। ଉଲ୍ଲେଖନୀୟ କଥାଯେ, ଆମର 'କ୍ଲେମ୍ ଫର୍ ସିଓର' ପଦକ୍ଷେପ ଅଧୀନରେ ଆମେ ୨୦୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୧୫୭.୨୫ କୋଟି ଟଙ୍କାର ମୃତ୍ୟୁ ଦାବି ସମାଧାନ କରିଛୁ, ଯାହା ସମସ୍ତ ଡକ୍ୟୁମେଂଟ ଦାଖଲ ହେବା ପରେ ଗୋଟିଏ ଦିନରେ ଯୋଗ୍ୟ ଦାବି ସମାଧାନ କରିବାର ପ୍ରତିଶ୍ରୁତି ଦେଇଥାଏ।

## ମଣିପାଲ ହସ୍ପିଟାଲରେ ଯୁବତୀଙ୍କ ସଫଳ ସର୍ଜରୀ

ଭୁବନେଶ୍ୱର, ୯।୧୨ (ନି.ପ୍ର) : ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଠାରେ ଏକ ବିରଳ ସର୍ଜରୀ ସଫଳତାର ସହିତ କରାଯାଇଛି। ଦୀର୍ଘଦିନ ୧୦ ବର୍ଷ ଧରି ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ରୋଗରେ ଆକ୍ରାନ୍ତ ଥିବା ଜଣେ ୩୫ ବର୍ଷୀୟା ଯୁବତୀ ସର୍ଜରୀ ପରେ ନୂତନ ଜୀବନ ପାଇଛି। ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ରେ ପୀଡ଼ିତ ଥିବା ଯୁବତୀଙ୍କ ହିପ୍ ଏବଂ ଆଣ୍ଠୁ ସମେତ ଶରୀରର ସମସ୍ତ ମୁଖ୍ୟ ଗଣ୍ଠି ଗୁଡିକ ପ୍ରଭାବିତ ହୋଇଥିବାରୁ ସେ ଗତ ବର୍ଷେ ଧରି ଚାଲିବା ବସିବା ସମ୍ଭବ ହେଉନଥିଲା। ଫଳରେ ସେ ସବୁବେଳେ ଶୋଇ ରହୁଥିଲେ କିମ୍ବା ହ୍ୱିଲ ଚେୟାର ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥିଲେ। ଦୀର୍ଘ ଦିନ ଧରି ଏକ ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରିବା ପରେ ୨୦୨୪ ମସିହାରେ ଚିକିତ୍ସା ପାଇଁ ସେ ମଣିପାଲ ହସ୍ପିଟାଲ୍‌କୁ ଆସି ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ପରାମର୍ଶ ନେଇଥିଲେ।

ପ୍ରାୟ ୧୦ ବର୍ଷ ପୂର୍ବେ ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଚିହ୍ନଟ ହେବା ପରେ ଅନେକ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ହେଉଥିଲେ, କିନ୍ତୁ ରୋଗ ଧୀରେ ଧୀରେ ବିବା କାରଣରୁ ସେ ଚାଲିବା-ଠିଅ ହେବାର କ୍ଷମତା ହରାଇଥିଲେ। ମଣିପାଲ ହସ୍ପିଟାଲକୁ ଆସିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଜଟିଳ ଥିଲା ହିପ୍ ଓ ଆଣ୍ଠୁ ଅତ୍ୟଧିକ କଠିନ, ଚାଲିବାରେ ବିକୃତି, ଶରୀରରେ ସମତୁଳନ ହାନି ଏବଂ ହାଡ଼ର ଗୁଣବତ୍ତା ଅତ୍ୟନ୍ତ ଖରାପ। ତାଙ୍କ ହିପ୍ର ଆକାର କେବଳ ୩୬-୩୭ mm ଥିବାରୁ, ଭାରତରେ ଉପଲବ୍ଧ ସବୁଠୁ ଛୋଟ ସିମେଣ୍ଟଡ୍ କପ୍ ଠାରୁ ମଧ୍ୟ ଛୋଟ ଥିଲା (ଯାହା ସାଧାରଣତଃ ୪୨-୪୩ mm ରୁ ଆରମ୍ଭ ହୁଏ)। ତେଣୁ ତାଙ୍କର ସର୍ଜରୀ ପାଇଁ ବିଶେଷ ଅର୍ଡର କରି ଏକ ସ୍ୱତନ୍ତ୍ର ଇମ୍ପ୍ଲାଣ୍ଟ ଆଣିବାକୁ ପଡ଼ିଥିଲା।



ମାର୍ଚ୍ଚ ୨୦୨୪ରେ ପ୍ରଥମେ ଡାହାଣ ହିପ୍ ରିପ୍ଲେସମେଣ୍ଟ ସର୍ଜରୀ ସହିତ ତାଙ୍କ ଚିକିତ୍ସା ଆରମ୍ଭ ହୁଏ। ସର୍ଜରୀ ସମୟରେ ହାଡ଼ର ଦୁର୍ବଳ ଥିବାରୁ ତାହା ଭାଙ୍ଗିଯାଇଥିଲା, ଯାହାକୁ ପ୍ଲେଟ୍ ପ୍ରୟୋଗରେ ନିୟନ୍ତ୍ରିତ କରାଯାଇଥିଲା। ପରବର୍ତ୍ତୀ ମାସ ଗୁଡ଼ିକରେ (ଜୁନ୍-ଜୁଲାଇ ୨୦୨୪) ବାମ ପାର୍ଶ୍ୱର ହିପ୍ ଏବଂ ଦୁଇଟି ଆଣ୍ଠୁର ପରିବର୍ତ୍ତନ କରାଯାଇଥିଲା। ଦୀର୍ଘ ଦିନ ରୋଗରେ ପୀଡ଼ିତ ହେବାରୁ ତାଙ୍କ ହାଡ଼ ଓ ମାଂସପେଶୀ ଦୁର୍ବଳ ହୋଇଯାଇଥିଲା। ଏହି କାରଣରୁ ସର୍ଜରୀ ପ୍ରସ୍ତୁତିରୁ ଆରମ୍ଭ କରି ସର୍ଜରୀ କରିବା ଓ ଅନସ୍ଥେସିଆ। ପରିଚାଳନା-ସବୁ ପଦକ୍ଷେପ ଅତ୍ୟନ୍ତ ଚାଲେଞ୍ଜିଙ୍ଗ୍ ଥିଲା।

ଏହି ଜଟିଳ ସର୍ଜରୀକୁ ସଫଳତାର କରିଥିବା ମଣିପାଲ ହସ୍ପିଟାଲର ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର ପଣ୍ଡା ମତରେ, ଏହା ଆଧୁନିକ ଅର୍ଥୋପେଡିକ୍ ଚିକିତ୍ସାର ଏହା ଏକ ଜଟିଳ ସର୍ଜରୀ ଥିଲା। ମାତ୍ର ମଣିପାଲ ହସ୍ପିଟାଲ ଭୁବନେଶ୍ୱର ର ଅଭିଜ୍ଞ ଡାକ୍ତର, ନର୍ସ ଏବଂ ଆନେସ୍ଥେସିଆ। ଡାକ୍ତରଙ୍କ ଟିମ୍ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଠିକ୍ ପ୍ରସ୍ତୁତି ଓ ଅଭିଜ୍ଞ ଟିମ୍ ସହଯୋଗରେ ଏହି ସଫଳତା ସମ୍ଭବ ହୋଇଛି। ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ତାଙ୍କୁ ନିରନ୍ତର ଫିଜିଓଥେରାପୀ ଚିକିତ୍ସା ପ୍ରଦାନ କରିଥିଲା, ଯାହାଦ୍ୱାରା ସେ ଧୀରେ ଧୀରେ ଚଲାବୁଲା ଆରମ୍ଭ କରିଥିଲେ , ଏବଂ ବର୍ତ୍ତମାନ ଏକ ଯନ୍ତ୍ରଣାମୁକ୍ତ ସାଧାରଣ ଜୀବନ ଅତିବାହିତ କରୁଛନ୍ତି।

# ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବର ସହଯୋଗ ହେବ ଅଧିକ ମଜବୁତ୍ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୯।୧୨(ନି.ପ୍ର.): ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୱାଇ.ବି ଅବଦୁଲ୍ଲା ଅଲ୍-ବେନିଆନ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି । ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଉଭୟ ମନ୍ତ୍ରୀ ଚର୍ଚ୍ଚା କରିଛନ୍ତି ।

ଏହି ଆଲୋଚନା କାଳରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ଭାବନ ତଥା ଗବେଷଣା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା ପାଇଁ ସାଉଦି ଆରବରେ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଏବଂ ଭାରତରେ ସାଉଦି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଦେଶୀ କ୍ୟାମ୍ପସ୍ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା । ବିଶେଷକରି ଉଦୀୟମାନ ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଗବେଷଣା ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା । ସାଉଦି ଆରବରେ ଅଧିକ ସଂଖ୍ୟକ ସିବିଏସଇ ବିଦ୍ୟାଳୟ ଖୋଲିବାର ସମ୍ଭାବନା ଉପରେ ମଧ୍ୟ ବୈଠକରେ ଆଲୋକପାତ ହୋଇଥିଲା । ଶ୍ରୀ ପ୍ରଧାନ ସାଉଦି ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଅଧ୍ୟୟନ କରିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହା ଉଭୟ



ଦେଶ ମଧ୍ୟରେ ଜ୍ଞାନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ ।ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ସାଉଦିର 'ଭିଜନ ୨୦୩୦' ର ଶିକ୍ଷାଗତ ପ୍ରାଥମିକତାରେ ଦୃଢ଼ ସମନ୍ୱୟ ରହିଛି । ଆଜିର ବୈଠକ ଭାରତ ଏବଂ ସାଉଦି ଆରବ ମଧ୍ୟରେ ଜ୍ଞାନ ଭାଗିଦାରୀକୁ ଆହୁରି ମଜବୁତ କରିବା, ସାଂସ୍କୃତିକ ଆଦାନପ୍ରଦାନକୁ ସୁବିଧାଜନକ କରିବା, ମିଳିତ ଆକାଂକ୍ଷାକୁ ସାକାର କରିବା ଏବଂ ଉଭୟ ଦେଶକୁ ଜ୍ଞାନ-ପରିଚାଳିତ ତଥା ବିଶ୍ୱ ସ୍ତରରେ ପ୍ରତିଯୋଗୀତାମୂଳକ ସମାଜରେ ପରିଣତ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ଥିଲା ।ଏହି ଆଲୋଚନା ଦୁଇ ରାଷ୍ଟ୍ରର ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି ବୋଲି ସେ ପରିପ୍ରକାଶ କରିଛନ୍ତି ।

# ଭାରତରେ ଡବ୍ଲୁଏଚ୍‌ଓର ପାରମ୍ପରିକ ଔଷଧ ଉପରେ ବୈଶ୍ୱିକ ସମ୍ମିଳନୀ

ନୂଆଦିଲ୍ଲୀ,୯।୧୨ : ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆସନ୍ତା ୧୭ରୁ ୧୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୈଶ୍ୱିକ ପାରମ୍ପରିକ ଔଷଧ ସମ୍ମିଳନୀ ଅନୁଷ୍ଠିତ ହେଉଛି । ତା ପୂର୍ବରୁ ଆଜି ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଗୁଜୁରାଟରେ ୨୦୨୩ରେ ଏହି ସମ୍ମିଳନୀର ପ୍ରଥମ ସଂସ୍କରଣର ସଫଳ ଆୟୋଜନ ପରେ ଭାରତ ଦ୍ୱିତୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ପାରମ୍ପରିକ ଔଷଧ ସମ୍ମିଳନୀ ଆୟୋଜନ କରିବା ଗର୍ବର ବିଷୟ ବୋଲି କେନ୍ଦ୍ର ଆୟୁଷ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ପ୍ରତାପରାଓ ଯାଧବ କହିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ମାନବତାର ସ୍ୱାସ୍ଥ୍ୟ, ଖୁସି ଏବଂ କଲ୍ୟାଣ ପାଇଁ ପାରମ୍ପରିକ ଔଷଧକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ସାମୂହିକ ବିଶ୍ୱ ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଏ । ଏହା ଭାରତର 'ସର୍ବେ ଭବନ୍ତୁ ସୁଖିନଃ, ସର୍ବ ସନ୍ତୁ ନିରାମୟଃ' ଦୃଷ୍ଟିକୋଣ ସହିତ ମେଳ ଖାଉଛି ।ଶ୍ରୀ ଜାଧବ ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷର ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସନ୍ତୁଳନର ପୁନରୁଦ୍ଧାର: ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଜ୍ଞାନ ଏବଂ ଅଭ୍ୟାସ' । ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ସ୍ଥାନରୁ ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ବିଶ୍ୱ ସ୍ୱାସ୍ଥ୍ୟ ନେତା, ଗବେଷକ, ବିଶେଷଜ୍ଞ, ଶିଳ୍ପ ପ୍ରତିନିଧି ଏବଂ ଅଭ୍ୟାସକାରୀମାନେ ଏକତ୍ରିତ ହେବେ। ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ, ଏହି ସମ୍ମିଳନୀ ଲାଗି ୧୦୦ରୁ ଅଧିକ ଦେଶରୁ ଅଂଶଗ୍ରହଣ ଆଶା କରାଯାଉଛି।

କେନ୍ଦ୍ରମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ମନ୍ତ୍ରଣାଳୟ ଭାରତର ସବୁଠାରୁ ପ୍ରସିଦ୍ଧ ଏବଂ ବୈଜ୍ଞାନିକ ଭାବରେ ଅଧ୍ୟୟନ କରାଯାଇଥିବା ଔଷଧୀୟ ଉଦ୍ଭିଦ ମଧ୍ୟରୁ ଅନ୍ୟତମ ଅଶ୍ୱଗନ୍ଧା ଉପରେ ସ୍ୱତନ୍ତ୍ରଭାବେ ଏକ ଆନୁଷଙ୍ଗିକ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହି କାର୍ଯ୍ୟକ୍ରମ ପାରମ୍ପରିକ ଏବଂ ସମସାମୟିକ ସ୍ୱାସ୍ଥ୍ୟ ଅଭ୍ୟାସରେ ଏହାର ଗୁରୁତ୍ୱକୁ ଦର୍ଶାଇବ। ପାରମ୍ପରିକ ଔଷଧ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତ ନେତୃତ୍ୱ ନେଉଥିବା କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆୟୁଷ ପ୍ରଣାଳୀ - ଆୟୁର୍ବେଦ, ଯୋଗ ଏବଂ ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ସୋୱା-ରିଗ୍ପା ଏବଂ ହୋମିଓପାଥି - ଶତାବ୍ଦୀ ଧରି ଲୋକଙ୍କ ସେବା କରିଆସୁଛି ଏବଂ ଆଜି ସମଗ୍ର ବିଶ୍ୱରେ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ନିର୍ଭରଯୋଗ୍ୟ ସମାଧାନ ଭାବରେ ସ୍ୱୀକୃତି ପାଇଛି। ଗୁଜରାଟର ଜାମନଗରରେ ଭାରତର ସହଭାଗୀତାରେ ସ୍ଥାପିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ପାରମ୍ପରିକ ଔଷଧ କେନ୍ଦ୍ର ଭାରତର ପାରମ୍ପରିକ ଜ୍ଞାନ ପ୍ରଣାଳୀ ପ୍ରତି ବଢୁଥିବା ବିଶ୍ୱର ବିଶ୍ୱାସକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି।

# କବି ଅଧ୍ୟାପିକା ରୀନା ମହାପାତ୍ରଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉତ୍ସବ



ଯାଜପୁର/ବ୍ୟାସନଗର,୯।୧୨(ନି.ପ୍ର.): ବ୍ୟାସନଗର ସହରସ୍ଥିତ ବ୍ୟାସଦେବ ଟାଉନହଲ ଠାରେ ସ୍ୱର୍ଗତ କବି ଅଧ୍ୟାପିକା ରୀନା ମହାପାତ୍ର ଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପଣ୍ଡିତ ଡ ସୂର୍ଯ୍ୟମଣି ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ଜିଲ୍ଲା ଲେଖକ ସମ୍ମିଳନୀର ସଭାପତି ଡ଼ ରୁଦ୍ରନାରାୟଣ ପୃଷ୍ଟି , ଉତ୍କଳ ସାହିତ୍ୟ ସମାଜ କଟକର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ , ବରିଷ୍ଠ ସାହିତ୍ୟିକ ରମାକାନ୍ତ ଜେନା , ବିଦୁତଲତା ଦାସ, ଇଂ ଅଭୟ ସୂତାର,ପାଧ୍ୟାପକ ଶିବ ଚରଣ ମଝି , ଡ ରତିକାନ୍ତ ବରାଲ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ରୀନା ମହାପାତ୍ରଙ୍କ ସାହିତ୍ୟ କୃତି ଓ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିଥିବା ବେଳେ କହିଥିଲେ କବିର ମୃତ୍ୟୁ ନାହିଁ ସେ ସବୁବେଳେ ଅମର। ଅନ୍ୟ ମାନଙ୍କ ମଧ୍ୟରେ ସାହିତ୍ୟିକ ଇଂ ନନ୍ଦ ମହାନ୍ତି, ପଦ୍ମାକର ଗୁରୁ, ହିରଣ୍ମୟୀ ମହାନ୍ତି,ଜୟନ୍ତୀ ଜେନା, ସନ୍ଧ୍ୟା ଘଡାଇ,କ୍ଷେତ୍ରବାସୀ ସାମଲ ପ୍ରଭାତସିହ୍ନା ପୂର୍ଣ୍ଣଚନ୍ଦ୍ର ଦାଶ ଡ.ଅଜୟ କୁମାର ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିବା ବେଳେ ପ୍ରାରମ୍ଭରେ ରୀନା ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ସ୍ମୃତିରେ ରୀନା ମହାପାତ୍ର ଲୋକାର୍ପଣ କରାଯାଇଥିଲା। ଉତ୍ସବ ଆରମ୍ଭରୁ କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ଓ ଲବଙ୍ଗଲତା ପରିଡ଼ାଙ୍କ ସଂଯୋଜନାରେ ଶତାଧିକ କବି କବିତାପାଠ କରିଥିବା ବେଳେ ସ୍ମୃତିଲିପି ର ସଂପାଦକ କବି ଭୁବନ ମୋହନ ମହାନ୍ତି କବିତା ପାଠ ଉତ୍ସବକୁ ସଞ୍ଚାଳନ କରିଥିଲେ ।କବି ଦୟାନିଧି ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଂ ସୁବାସ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। କବିଙ୍କ କନ୍ୟା ଶୁଭଲକ୍ଷ୍ମୀସାହୁ,କବି ବାଇଧର ମାଝି,ଯୋଗିନ୍ଦ୍ର ନାଥ ସାହୁ,ନିର୍ମଳ ରାଉତ,ଅପର୍ଣ୍ଣା ମିଶ୍ର ,ଶରତ କୁମାର ଦାସ ପୁଷ୍ପ ଲତା ଜେନା। ନିତ୍ୟାନନ୍ଦ ଦାସ ମଧୁସୁଦନ ମହାପାତ୍ର ପଦ୍ମଲୋଚନ ମହାନ୍ତି ଇନ୍ଦ୍ରମଣି ମହାକୁଡ ନବଘନ ସ୍ୱାଇଁ ରଙ୍ଗବଲ୍ଲଭସହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନର୍ମାଲ ଡେଲିଭରି ଟିପ୍ସ

ଭୁବନେଶ୍ୱର,୯।୧୨: ଆଜିକାଲି ସିଜେରିଆନ ଡେଲିଭରି ସଂଖ୍ୟା ବଢିବାରେ ଲାଗିଛି। ଯଦି ନର୍ମାଲ ଡେଲିଭରୀ ଚାହୁଁଛନ୍ତି ତେବେ ସରକାରୀ ହସ୍ପିଟାଲ୍ ?କୁ ଯାଆନ୍ତୁ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଲିଖିତ ଉତ୍ତରରେ କହିଛନ୍ତି ।ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଘରୋଇ ହସ୍ପିଟାଲରେ ଅଧିକ ହେଉଛି ସିଜେରିଆନ ଡେଲିଭରି। ୫ ବର୍ଷରେ ରାଜ୍ୟରେ ମୋଟ ୩୦ ଲକ୍ଷ ୮ହଜାର ୩୮୩ ପ୍ରସବ ହୋଇଛି। ସରକାରୀ ହସ୍ପିଟାଲରେ ସର୍ବାଧିକ ୨୩ ଲକ୍ଷ ୬୯ ହଜାରରୁ ଉର୍ଦ୍ଧ୍ୱ ପ୍ରସବ ହୋଇଛି। ସରକାରୀ ହସ୍ପିଟାଲରେ ୧୯ ଲକ୍ଷ ୫୯ ହଜାର ୯୧୮ ନର୍ମାଲ ଡେଲିଭରି। ୪ ଲକ୍ଷ ୯ ହଜାର ୭୧୮ ସିଜେରିଆନ ଡେଲିଭରି ହୋଇଛି। ଘରୋଇ ହସ୍ପିଟାଲରେ ୧ ଲକ୍ଷ ୪୮ ହଜାର ୨୪୨ ନର୍ମାଲ ଡେଲିଭରି ହୋଇଛି। ୪ ଲକ୍ଷ ୯୦ ହଜାର ୫୦୫ ସିଜେରିଆନ ଡେଲିଭରୀ ହୋଇଛି।

# ଉନ୍ନୟନ କମିଶନରଙ୍କ ଜଳ ସଂପଦ ବିଭାଗ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା



ଭୁବନେଶ୍ୱର,୯।୧୨(ନି.ପ୍ର.): ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଆଜି ଜଳସମ୍ପଦ ବିଭାଗରେ ବଜେଟ୍ ଅନୁମୋଦନ ମୁତାବକ ଖର୍ଚ୍ଚ, ଆଗାମୀ ବର୍ଷ ପାଇଁଆର୍ଥିକ ପ୍ରସ୍ତାବନା ସଂପର୍କରେ ଏକ ବୈଠକରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦୃଷ୍ଟିକୋଣକୁ ଆଖି ଆଗରେ ରଖି ରାଜ୍ୟରେ ଜଳ ସଂପଦର ବିକାଶ, ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜଳ ସଂପଦ ବିଭାଗରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟକ୍ଷତା କରି ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ରାଜ୍ୟର ସମସ୍ତ ପ୍ରମୁଖ ଜଳସମ୍ପଦ ପ୍ରକଳ୍ପଗୁଡ଼ିକର ସଠିକ୍ ଭାବରେ ଏବଂ ସହଜରେ କାର୍ଯ୍ୟ ତ୍ୱରାନ୍ୱିତ ସୁନିଶ୍ଚିତ କରିବା ଏବଂ ପ୍ରକଳ୍ପ କାର୍ଯ୍ୟକାରିତାରେ ଆର୍ଥିକ ଯୋଜନା ଉପରେ ଗୁରୁତ୍ୱ ଦେଇଥିଲେ । ସେ ପ୍ରକଳ୍ପଗୁଡ଼ିକ ସମୟାନୁସାରେ କାର୍ଯ୍ୟାନ୍ୱୟନ, ସଠିକ୍ ପୂର୍ବାନୁମାନ ଏବଂ ଆର୍ଥିକ ବ୍ୟବସ୍ଥାର ସର୍ବୋତ୍ତମ ଉପଯୋଗ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭାଗର ସମସ୍ତ ଶାଖାଗୁଡ଼ିକର ସମନ୍ୱୟ ଓ ସମ୍ମିଳିତ ପ୍ରୟାସରେ ଲକ୍ଷ୍ୟ ସାଧନ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ ।

ସମୀକ୍ଷା ବୈଠକରେ ପ୍ରକଳ୍ପ ଶେଷ କରିବା ପାଇଁ ଆଗାମୀ ଆର୍ଥିକ ବର୍ଷକୁ ଦୃଷ୍ଟିରେ ରଖି ଏକ ଧ୍ୟାନକୈନ୍ଦ୍ରିକ ଏବଂ ଫଳାଫଳଭିତ୍ତିକ ରୋଡମ୍ୟାପ୍ ପ୍ରସ୍ତୁତି କରିବା ଯାହାକି, ରାଜ୍ୟ ସରକାରଙ୍କ ରହିଥିବା ଦୀର୍ଘକାଳୀନ ରାଜ୍ୟ ଏବଂ ଜାତୀୟ ବିକାଶ ପ୍ରାଥମିକତାର ପ୍ରତିବଦ୍ଧତାକୁ ହାସଲ କରିବାରେ ସଫଳ ହୋଇପାରିବ ବୋଲି ଉନ୍ନୟନ କମିଶନର ପ୍ରକାଶ କରିଥିଲେ ।

# ମୋର୍ଚ୍ଚା ସଭାପତି ଘୋଷଣା କଲା ଭାଜପା

ଭୁବନେଶ୍ୱର,୯।୧୨: ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ମଙ୍ଗଳବାର ବିଭିନ୍ନ ଜିଲା ପାଇଁ ମୋର୍ଚ୍ଚା ସଭାପତି, ଜିଲା ପ୍ରଭାରୀ ଏବଂ ଅନ୍ୟାନ୍ୟ ନାମ ଘୋଷଣା କରାଯାଇଛି। ଅଭିଳାଷ ପଣ୍ଡାଙ୍କୁ ଭାରତୀୟ ଯୁବ ମୋର୍ଚ୍ଚା ସଭାପତି ଏବଂ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ସଭାପତି କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ୭ ଜଣଙ୍କୁ ମୋର୍ଚ୍ଚା ସଭାପତି, ୩ ଜଣଙ୍କୁ ଭାଜପା ସେଲ୍ ଇନ୍‌ଚାର୍ଜ, ଜଣଙ୍କୁ ଅଫିସ୍ ସେକ୍ରେଟାରୀ, ଜଣଙ୍କୁ ଆଇଟି ଦାୟିତ୍ୱ ଏବଂ ୩୭ ଜଣଙ୍କୁ ବିଭିନ୍ନ ଜିଲାର ପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି।

# କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍) ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୨: ତିନି ଧରି ଚାଲିଥିବା ବହୁ ପ୍ରତୀକ୍ଷିତ କିଟ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍)ର ୧୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନି ଜଣ ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ, ୨୦ ରୁ ଅଧିକ କର୍ପୋରେଟ୍ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଓ ବଲିଉଡ୍ ପ୍ଲେବ୍ୟାକ୍ ଗାୟକ ଆଶ୍ କିଙ୍ଗଙ୍କ ଷ୍ଟାର ନାଇଟ୍ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଭାରତ ଓ ବିଦେଶରୁ ଯୁବ ପ୍ରତିନିଧି ଓ ୩୦ରୁ ଅଧିକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଛାୟା ଜାତିସଂଘର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ ଛାତ୍ରଛାତ୍ରୀମାନେ କୂଟନୀତିକୁ ଠିକ୍ ଭାବେ ବୁଝିବା ଆବଶ୍ୟକ। କାରଣ ଛାତ୍ରଛାତ୍ରୀମାନେ ବିଶ୍ୱର ଭବିଷ୍ୟତ। ଏହା ସହ ସେ ପ୍ରତିନିଧିମାନଙ୍କୁ ବିତର୍କ ଓ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଉପକୁଳପତି ପ୍ରଫେସର ରାଜୁ କେ. ଡି. ସମସାମୟିକ ବିଶ୍ୱରେ କୂଟନୀତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଡିଜିଟାଲ ଯୁଗରେ, କୂଟନୀତି କଳାର ଗୁରତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଲେ, ମୁନ୍ ଭଳି କାର୍ଯ୍ୟକ୍ରମ ବିଶ୍ୱ ଜଟିଳତାକୁ ବୁଝିବାର ଏକ ସୁଯୋଗ। ବ୍ରିଗେଡିୟର ଜୀବନ ରାଜପୁରୋହିତ ମଧ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ।




କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମୁନ୍ ପ୍ରତି ବର୍ଦ୍ଧିତ ଅନ୍ତର୍ଜାତୀୟ ଆଗ୍ରହ ଉପରେ ଆଲୋକପାତ କରିବା ସହ ବିଦେଶରୁ ୩୩ଜଣ ସଦସ୍ୟ ଏହି ବିଶ୍ୱ ଯୁବ ମଞ୍ଚରେ ଅଂଶଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସମୟରେ, ପ୍ରତିନିଧିମାନେ ସମସାମୟିକ ଓ ଐତିହାସିକ ଭୂ-ରାଜନୈତିକ ସଙ୍କଟକୁ ଅନୁକରଣ କରି ଏକାଧିକ ଜାତିସଂଘ କମିଟିରେ ତୀବ୍ର ବିତର୍କ, ଆଲୋଚନା ଓ ନୀତି ପ୍ରସ୍ତୁତରେ ନିୟୋଜିତ ହୋଇଥିଲେ

କମିଟି ଅଧିବେଶନ ବ୍ୟତୀତ, ସମ୍ମିଳନୀରେ କର୍ମଶାଳା, ଶୈକ୍ଷିକ ମାଷ୍ଟରକ୍ଲାସ୍, ସାଂସ୍କୃତିକ ପ୍ରଦର୍ଶନ ଏବଂ ସ୍ପନ୍ଦନଶୀଳ କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା।

# ଘନ କୁହୁଡ଼ି ନେଇ ୱାର୍ଣ୍ଣିଂ

ଭୁବନେଶ୍ୱର,୯।୧୨(ନି.ପ୍ର.): ଘନ କୁହୁଡ଼ି ନେଇ ଆଗାମୀ ୨ ଦିନ ପାଇଁ ଅର୍ଥାତ୍ ଆସନ୍ତା ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୨ ଜିଲ୍ଲା(ସୁନ୍ଦରଗଡ଼, କନ୍ଧମାଳ)କୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ଶୀତ ଲହରି ନେଇ ଆଗାମୀ ୨ ଦିନ ଅର୍ଥାତ୍ ଆସନ୍ତା ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ପରବର୍ତ୍ତୀ ୨ ଦିନ ପାଇଁ ଅର୍ଥାତ୍ ୧୦ ତାରିଖ ସକାଳ ଠାରୁ ୧୨ ତାରିଖ ସକାଳ ପର୍ଯ୍ୟନ୍ତ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆଗାମୀ ୨ ଦିନ ପାଇଁ ଶୀତ ଲହରି ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ୩ ଜିଲ୍ଲା ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ।

# ୧୩ରେ ବିଚାରାଧୀନ ବିଦ୍ୟୁତ୍ ଚୋରି ମାମଲାର ସହଜ ସମାଧାନ କରନ୍ତୁ: ଟିପିଡବ୍ଲୁଓଡିଏଲ୍

ବୁର୍ଲା/ବଲାଙ୍ଗୀର,୯।୧୨(ନି.ପ୍ର.): ଆସନ୍ତା ୧୩ ଡିସେମ୍ବର ୨୦୨୫ (ଶନିବାର) ସକାଳ ୧୦:୦୦ ରୁ ସନ୍ଧ୍ୟା ୫:୦୦ ପର୍ଯ୍ୟନ୍ତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଚତୁର୍ଥ ଜାତୀୟ ଲୋକ ଅଦାଲତରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ମଧ୍ୟ ଅଂଶ ଗ୍ରହଣ କରୁଅଛି । ଏଣୁ କମ୍ପାନୀ ପକ୍ଷରୁ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଏହି ଲୋକ ଅଦାଲତରେ ସାମିଲ ହୋଇ ବିଚାରଧିନ ରହିଥିବା ସେମାନଙ୍କର ସମସ୍ତ ପ୍ରକାର ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ନେବାକୁ ସୂଚିତ କରାଯାଉଅଛି ।

ଏହି ପଦକ୍ଷେପ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ଉପାୟରେ ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଅଛି । ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏହାର ସମସ୍ତ ସବ-ଡିଭିଜନାଲ୍ (ଏସଡିଓ) ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଅଛି । ଯେଉଁଠାରେ ଲୋକ ଅଦାଲତ ସମୟରେ ଡକ୍ୟୁମେଣ୍ଟସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବ । ସୂଚନାଥାଉ କି, ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ନିମନ୍ତେ ପଞ୍ଜୀକରଣ ଏବଂ ଆବଶ୍ୟକୀୟ ପ୍ରାରମ୍ଭିକ ଔପଚାରିକତା ସମାପ୍ତ କରିବା ପାଇଁ ଗ୍ରାହକମାନେ ଯଥାଶୀଘ୍ର ସେମାନଙ୍କର ନିକଟତମ ସବ-ଡିଭିଜନାଲ୍ କିମ୍ବା ସେକ୍ସନ ଅଫିସ ଭ୍ରମଣ କରିବା ପାଇଁ କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଉଅଛି । ଯାହା ଫଳରେ ଗ୍ରାହକମାନେ ଏହି ଦିନିକିଆ ଲୋକ ଅଦାଲତର ସର୍ବାଧିକ ଲାଭ ଉଠାଇ ପାରିବେ ।ଅଧିକ ବିବରଣୀ ପାଇଁ, ଗ୍ରାହକମାନେ ସେମାନଙ୍କର ନିକଟତମ ଏସଡିଓ କିମ୍ବା ସେକ୍ସନ ଅଫିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଉଅଛି ।

# ୨୦୩୦ ସୁଦ୍ଧା ଭାରତର ଜୈବ ଅର୍ଥନୀତି ୩୦୦ ବିଲିୟନ୍ ଡଲାରରେ ପହଂଚିବ : ବିଶେଷଜ୍ଞ

ଭୁବନେଶ୍ୱର, ୯।୧୨(ନି.ପ୍ର.): ଭାରତର ଜୈବ ଅର୍ଥନୀତି ଯେଉଁଥିରେ କି ଜୈବ ପ୍ରଯୁକ୍ତିବିଦ୍ୟା, ଔଷଧ ଏବଂ କୃଷି ଅନ୍ତର୍ଭୁକ୍ତ ୨୦୩୦ ସୁଦ୍ଧା ବୃଦ୍ଧି ପାଇ ୩୦୦ ବିଲିୟନ୍ ଡଲାରରେ ପହଂଚିବା ଆକଳନ କରାଯାଉଛି ବୋଲି କହିଛନ୍ତି ବାୟୋଟେକ୍ ରିସର୍ଚ୍ଚ ସୋସାଇଟି, ଇଣ୍ଡିଆ (ବିଆରଏସ୍ଆଇ)ର ଅଧ୍ୟକ୍ଷ ପ୍ରଫେସର ସୁଧୀର କୁମାର ସୋପୋରୀ। ସରକାର ଜାତୀୟ ସ୍ତରରେ ବାୟୋ ଫାର୍ମା ମିଶନ ଆରମ୍ଭ କରିଥିବା ବେଳେ ବାୟୋ ଏଆଇ ହବ୍, ବାୟୋ ଏଗ୍ରିକଲ୍‌ଚର ଏବଂ ବାୟୋ ଏନର୍ଜି ଭଳି କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି ବୋଲି ସୋମବାର ପ୍ରଫେସର ସୋପୋରୀ ସୂଚନା ଦେଇଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା 'ବାୟୋଟେକ୍ନୋଲଜି ଫର୍ ସଷ୍ଟେନେବଲ ଡେଭେଲପ୍‌ମେଂଟ ଆଣ୍ଡ ସର୍କୁଲାର ଇକୋନମୀ' ଶୀର୍ଷକ ୩-ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ବକ୍ତବ୍ୟ ଦେବା ଅବସରରେ ପ୍ରଫେସର ସୋପୋରୀ ଏହା କହିଛନ୍ତି। ଜାତୀୟ ବାୟୋଫାର୍ମା ମିଶନ୍ ଏକ



ଶିଳ୍ପ-ଶିକ୍ଷା ଭିତ୍ତିକ ସହଭାଗିତା ମିଶନ ହୋଇଥିବା ବେଳେ ଦେଶରେ ଜୈବ ଔଷଧ ବିକାଶ ନେଇ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି। ଏହାର ଅଧିନରେ ସରକାର ଉଦ୍ୟୋଗୀକରଣ ଏବଂ ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ପ୍ରଫେସର ସୋପୋରୀ କହିଛନ୍ତି।

ସୋଆ ପରିଚାଳିତ ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ରିସର୍ଚ୍ଚ (ସିଆଇବିଆର୍) ଏବଂ ବିଆରଏସ୍ଆଇର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ୨୮ ଟି ବିଭିନ୍ନ ଦେଶରୁ ୪୦ ଜଣ ବିଶିଷ୍ଟ ବୈଜ୍ଞାନିକ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ପ୍ରାୟ ୨୫୦ ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀ ଭାଗ ନେଉଛନ୍ତି ।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲଜି (ଆଇଆଇଆଇଟି)ର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜରେ ମଣିଷର ହିତ ପାଇଁ ଜୈବ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ମଣିଷ ସମାଜର ଉନ୍ନତି କ୍ଷେତ୍ରରେ ଜୈବ ପ୍ରଯୁକ୍ତି କ୍ଷେତ୍ରର ଏକ ବଡ଼ ଭୂମିକା ରହିଥିବା ପ୍ରଫେସର ଘୋଷ କହିଛନ୍ତି। କୋଭିଡ-୧୯ ମହାମାରୀ ବିରୁଦ୍ଧରେ ଲଢ଼େଇ ପାଇଁ ଭ୍ୟାକ୍ସିନ୍‌ର ଉଦ୍‌ଭାବନ ହେଉ ଅଥବା ଅନ୍ୟ ଭ୍ୟାକ୍ସିନ୍ ଗୁଡ଼ିକର ଉଦ୍‌ଭାବନ କ୍ଷେତ୍ରରେ ଜୈବ ପ୍ରଯୁକ୍ତି ଉତ୍ପାଦର ସହଯୋଗ ରହିଥିବା ସେ କହିଥିଲେ। ଏହି ସମ୍ମିଳନୀରେ ମଣିଷ ସମାଜର ହିତ ନିମନ୍ତେ ଜୈବ ପ୍ରଯୁକ୍ତିର କିଭଳି ଅଧିକ ବିନିଯୋଗ କରାଯାଇ ପାରିବ ସେ ବିଷୟରେ ଉତ୍କୃଷ୍ଟ ନିଷ୍କର୍ଷ ବାହାରିବା ନେଇ ଆଶା ରଖିଥିବା ପ୍ରଫେସର ଘୋଷ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରରେ ବିଆରଏସ୍ଆଇର ସିଓଇ ଡକ୍ଟର ବିନୋଦ ପରମେଶ୍ୱରନ୍, ଯୋଶିପ୍ ଜୁରାଜ୍ ଷ୍ଟ୍ରସ୍‌ମେୟର ୟୁନିଭର୍ସିଟି, କ୍ରୋଏସିଆର ପ୍ରଫେସର ମାରିନା ଟିସ୍‌ମା ଏବଂ ୟୁନିଭର୍ସିଟି କ୍ଲେରମଂଟ ଅଭେରର୍ନି ଫ୍ରାନ୍ସର ପ୍ରଫେସର କ୍ରିଷ୍ଟିଆନ୍ ଲାରୋସେ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମିଳନୀର ଚେୟାର ତଥା ସିଆଇବିଆରର ନିର୍ଦ୍ଦେଶକ ପ୍ରଫେସର ହୃଦୟନାଥ ଥାଟୋଇ ମଧ୍ୟ ବକ୍ତବ୍ୟ ରଖିଥିଲେ।

# ଆଚ୍ଛାଦନ ପ୍ରଣାଳୀରେ ଲଙ୍କା ଚାଷ କରି ସଫଳତା ପାଇଛନ୍ତି ନେପାଳ ପ୍ରଧାନ !

ବଲାଙ୍ଗୀର,୯।୧୨(ନି.ପ୍ର.): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଅନ୍ତର୍ଗତ ଡାଙ୍ଗବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାଙ୍ଗୀର ଜିଲ୍ଲା ର ଶେଷ ଗ୍ରାମ ତଥା ସୀମାନ୍ତ ବର୍ତ୍ତି ଅଞ୍ଚଳର ଗ୍ରାମ ସାରହିମୁଣ୍ଡା ଗାଁର ଜଣେ କ୍ଷୁଦ୍ର ଚାଷୀ ଓ ନାମ ମାତ୍ର ଚାଷୀ ନେପାଳ ପ୍ରଧାନ , ଯିଏ କି ଆଚ୍ଛାଦନ ପ୍ରଣାଳୀରେ ୩୦ ଡିସିମିଲ ଜମିରେ ପରୀକ୍ଷା ମୂଳକ ଭାବେ ଲଙ୍କା ଚାଷ କରି ସଫଳତାର ଉଦାହରଣ ସାଜିଛନ୍ତି।



ନେପାଳ ପ୍ରଧାନ ର ପରିବାର କହିଲେ ସ୍ତ୍ରୀ,ପୁଅ ସମେତ ୩ ଜଣ ଅଛନ୍ତି। ଜମି କହିଲେ ଆଟ ଜମି ୧.୫୦ ଏକର ,ମାଲ ୧ ଏକର ମୋଟ ୨.୫୦ ଏକର ।ନେପାଳ ର ପରିବର୍ତ୍ତନ:ଦେବଦତ୍ତ କ୍ଲବ,କେନ୍ଦୁଭଟା ତରଫରୁ ତାଲିମ ଗ୍ରହଣ ରୁ ଆରମ୍ଭ,ତାଲିମ ରେ ଜଳ ପରିଚାଳନା, ମଲଚିଂ ବା ଆଚ୍ଛାଦନ ପ୍ରଣାଳୀ ର ଚାଷ , ବୁନ୍ଦା ଜଳସେଚନ ଏବଂ ଜୈବିକ କୀଟ ନିୟନ୍ତ୍ରଣ ଉପରେ ତାଲିମ ଗ୍ରହଣ କରିଥିଲେ ।ତାଲିମ ଗ୍ରହଣ ପରେ ସେ ୧୫୧ କିସମ ଲଙ୍କା ମଞ୍ଜି କିଣି ଚାରା ପ୍ରସ୍ତୁତ କରିଥିଲେ ।ପରୀକ୍ଷାମୂଳକ ଭାବେ ୩୦ ଡେସିମିଲ ଜମି କୁ ହଳ କରି ଆଚ୍ଛାଦନ ପ୍ରଣାଳୀରେ , ଜୈବିକ ପ୍ରଣାଳୀରେ ଲଙ୍କା ଚାଷ କୁ ଆପଣେଇଥିଲେ।

ଜମିକୁ ହିଡ କରି ମଲଚିଂ ପ୍ରଣାଳୀ ତଥା ଆଚ୍ଛାଦନ ପ୍ରଣାଳୀ ବା ମାଟିକୁ ଘୋଡେଇ ଥିଲେ ଲଙ୍କା ଫଳ ଚାଷ କରି ବୁନ୍ଦା ଜଳ ସେଚନକୁ ଆପଣେଇଥିଲେ ।ଏହି ଆଚ୍ଛାଦନ ପ୍ରଣାଳୀରେ ଅନାବନା ଘାସ ହୁଏ ନାହିଁ, ସାର , ଖତ,ପାଣି,କୀଟନାଶକ ଔଷଧ ଯେତିକି ଦିଆଯାଏ ସବୁ ଗଛ ତାନିନେଇଥାଏ,ଯାହା ଫଳରେ ଗଛ ହୃଷ୍ଟ ପୃଷ୍ଟ ହୋଇଥାଏ। ଏହି ଲଙ୍କା ଚାଷରେ ୩୦ ଡିସିମିଲ ରୁ ବର୍ତ୍ତମାନ ସୁଦ୍ଧା ଆୟ ?୫୦୦୦୦ ରୋଜଗାର କରିଛନ୍ତି ! ଆଗକୁ ଆହୁରି ଆୟ ହେବା ବୋଲି ନେପାଳ କହିଛନ୍ତି ।ଏହି ପ୍ରଣାଳୀରେ ଚାଷ କରି ଅନାବନା ଲଟା ବୁଦା ଦାଉରୁ ରକ୍ଷା ପାଇବା ସହିତ ଅଧିକ ଆୟ, କମ୍ ଖର୍ଚ୍ଚ, ସୁସ୍ଥ ଫସଲ,ଅଧିକ ଅମଳ ହେବା ସହ ,ଅଧିକ ଫଳ ସଂଗ୍ରହ ହୋଇପାରିଛି ।ନେପାଳ ଏବେ ସ୍ଥାୟୀ କୃଷି ଗ୍ରହଣ କରୁଥିବା ସହକୃଷକମାନଙ୍କ ପାଇଁ ଏକ ଆଦର୍ଶପାଲଟିଛନ୍ତି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ